Digitized by srujanika@gmail.com

ମେଘଦୂତ

ନୃତ୍ୟ ନାଟିକା ॥

ରଚନା :

ଶ୍ରୀ ସତ୍ୟନାରାୟଣ ପଣ୍ଡା
ନା ଟ୍ୟା ଚା ର୍ଯ୍ୟ ।

Digitized by srujanika@gmail.com

ପ୍ରକାଶିକା :
ଶ୍ରୀମତୀ ରାଜେଶ୍ୱରୀ ପଣ୍ଡା
ପାରଳାଖେମୁଣ୍ଡି [ଗଞ୍ଜାମ]

ପ୍ରଥମ ପ୍ରକାଶନ

୧୯୭୫

ମୂଲ୍ୟ :—ଦୁଇଟଙ୍କା ମାତ୍ର

ମୁ ଦ୍ରା କ ର
ଶ୍ରୀ ଶଙ୍କରପ୍ରସାଦ ମିଶ୍ର ବି. ଏ.,
ଶାମାକାର୍ଲ ପ୍ରେସ୍
ବ୍ରହ୍ମପୁର [ଗଞ୍ଜାମ]

Digitized by srujanika@gmail.com

ଗ୍ରନ୍ଥ କଥା

ମଣିଷ [illegible]ର ଗଣ୍ଡିବଧି ଏବଂ ଯୁଗର ଅଭିରୁଚି ସଂଗେ ତାଳ ଦେଇ ଚାଲିବାକୁ ହୁଏ । ଦୃଶ୍ୟ କାବ୍ୟର ବହୁବିଧ ରୂପ ଓ ପ୍ରକାଶ ଭିତରେ ଗୀତ ଓ ନୃତ୍ୟ ସଂଗୀତର ସହ ଚରିତର ପରିବେଷଣକୁ ସାଗ୍ରହରେ ଅନୁଭବ କରିବା ଆଜିକାର ସର୍ବଶେଷ ଅଭିରୁଚି । ଏହି ଲୋକାଭିରୁଚିରୁ ମୁଁ ପାଇଥିଲି ଗୋଟାଏ ପ୍ରେରଣାର ସ୍ପନ୍ଦନ, ଗୋଟାଏ ସଂକେତ, ତଥା ଗୀତ ଓ ନୃତ୍ୟ ଛନ୍ଦରେ ଚରିତ୍ରକୁ ରୂପାୟନ କରିବାପାଇଁ ଏହି ସ୍ପୃଷ୍ଟ ଅଭିଳାଷ ।

ନୃତ୍ୟ-ନାଟିକା ଲେଖିବାରେ ମୋର ଏହି ପ୍ରଥମ ଉଦ୍ୟମ । ତା' ପରେ ବିଶ୍ୱ ମହାକବି କାଳିଦାସଙ୍କ ଅମର ଲେଖନୀରୁ ନିସୃତ ବିଶ୍ୱ ବିଖ୍ୟାତ 'ମେଘଦୂତ' କାବ୍ୟର ବିଷୟବସ୍ତୁକୁ ଅବଲମ୍ବନ କରି ଏପରି ପ୍ରଥମ ଉଦ୍ୟମ କରିବା ମୋ ପକ୍ଷରେ ଗୋଟାଏ ଦୁଃସାହସ । ବିଶ୍ୱକବି 'ମେଘଦୂତ'ର ଦୁଇଗୋଟି ଉଚ୍ଛ୍ୱାସରେ ରଚନା କରିଛନ୍ତି ଗୋଟାଏ ମହା ସମୁଦ୍ର; ପୁଣି ସେହି ବିଶାଳ ଜଳଧିର ଛବିଳ ଜଳରାଶି ଉପରେ ଖେଳାଇଦେଇଛନ୍ତି ଅନାବିଳ— ଭାବ-ବିଳସିତ ମେଘ ମହ୍ଲାରିତ ମଧୁର ମନ୍ଦାକ୍ରାନ୍ତା ଛନ୍ଦର ତରଳ ତରଙ୍ଗ ମାଳା । ୧୧୮ ଗୋଟି ଶ୍ଲୋକ ତରଙ୍ଗରେ ସେ ବାନ୍ଧି ଦେଇଛନ୍ତି ପ୍ରକୃତିର ସରସ ସୌନ୍ଦର୍ଯ୍ୟ ଏବଂ ମନସ୍ତତ୍ତ୍ୱର ନିଗୂଢ଼ ତଥ୍ୟ ।

ପୂର୍ବ ମେଘରେ ଜଡ଼ ପ୍ରକୃତିର ସବୁଜ ସୁନ୍ଦର ରୂପ ଏବଂ ସଜୀବ ପ୍ରବୃତ୍ତିର ବର୍ଣ୍ଣନା କରାଯାଇଛି । ଜଡ଼ ଜଗତ ସହ ପ୍ରାଣୀ ଜଗତର ସମ୍ବନ୍ଧ ଏବଂ ସାମଞ୍ଜସ୍ୟର ପ୍ରମାଣ ମଧ୍ୟ ଦିଆ ଯାଇଛି ।

ଉତ୍ତର ମେଘରେ ମନୋ-ବିଜ୍ଞାନର ରହସ୍ୟମୟ ପ୍ରଭାବ ପ୍ରତିଫଳିତ ହୋଇଛି । ପ୍ରକୃତି ସହ ମନର ସମ୍ବନ୍ଧ ଏବଂ ମନ ସହ

Digitized by srujanika@gmail.com

ଆତ୍ମାର ବନ୍ଧନ ବିଷୟରେ ସର୍ବଶ୍ରେଷ୍ଠ ସୂଚନା ଦିଆଯାଇଛି । ସୂର୍ଯ୍ୟ ଉଦୟ ହେଲେ ପଦ୍ମ ହସି ଉଠି···ଅସ୍ତହେଲେ ସଂକୁଚିତ ହେବା, ମେଘ ଦର୍ଶନରେ ମୟୂର ନୃତ୍ୟ କରି···ଅଦର୍ଶନରେ ନିଷ୍ପନ୍ଦ ହେବା ଯେପରି ସତ୍ୟ ଏବଂ ସ୍ୱଭାବ-ସିଦ୍ଧ; ଅଥଚ ମିଳନରେ ଆନନ୍ଦ ଏବଂ ବିରହରେ ବେଦନା ଅନୁଭବ କରିବା ଯେପରି ଜଡ଼ ଜଗତ ଭିତରେ ପାରସ୍ପରିକ ଆକର୍ଷଣ ଏବଂ ସ୍ୱାଭାବିକ ଆନ୍ତରିକତା ପ୍ରକାଶ ପାଏ··· ସେପରି ଚେତନାମୟ ମଣିଷ ଜୀବନରେ ମଧ୍ୟ ସେହି ପ୍ରାକୃତିକ ସମ୍ବନ୍ଧ ଏବଂ ଆତ୍ମୀୟତା ଅନ୍ତର୍ନିହିତ ଥିବା କାବ୍ୟର ନାୟକ ଓ ନାୟିକାଙ୍କ ଚରିତ୍ର ଭିତରେ ପ୍ରତିଷ୍ଠିତ ହୋଇଛି । ସମସ୍ତ ଜଗତ ସେହି ପ୍ରକୃତିର ବଶୀଭୂତ, ସେବକ, ଉପାସକ ଏବଂ ଯେ ପ୍ରକୃତି-ସିଦ୍ଧ ସେ ସର୍ବସିଦ୍ଧ ବୋଲି କବି ଘୋଷଣା କରିଛନ୍ତି ।

ମହାକବି କାଳିଦାସ ଜଣେ ପ୍ରକୃତିର ସୌନ୍ଦର୍ଯ୍ୟ ବିଳାସୀ, ଗୁଣାନୁରାଗୀ, ସ୍ୱାଧୀନଚେତା, ଦେଶ ଏବଂ ଜାତି ପ୍ରିୟ—ଏହା ତାଙ୍କ କବିତାରୁ ସ୍ପଷ୍ଟ ପ୍ରତିପାଦିତ ହୁଏ । ଉକ୍ତ ଚରିତ ରଚନା କରିବା ଭିତରେ ପରାଧୀନ ଜୀବନକୁ ସେ ବିଶେଷଭାବେ ଘୃଣା କରିଛନ୍ତି । 'ମେଘ'କୁ ଗନ୍ତବ୍ୟପଥ ନିର୍ଦ୍ଦେଶ ଦେବାବେଳେ ରାମଗିରି ବନଠାରୁ ହିମାଳୟ ପର୍ଯ୍ୟନ୍ତ ବିବିଧ ସ୍ଥାନର ସୂଚନା ଦେଇ ସେ ନିଜର ଜୀବନ, ଜୀବିକା ଏବଂ ଲୀଳାର ବାସସ୍ଥାନ ଉଜ୍ଜୟିନୀର ପରିଚୟ ଦେବାରେ ଭୁଲି ନାହାନ୍ତି । ଉଜ୍ଜୟିନୀକୁ ସ୍ୱର୍ଗତୁଲ୍ୟ ଆସନ ଦେଇ, ବାଟ ଭାଙ୍ଗି ଉଜ୍ଜୟିନୀକୁ ଯିବାପାଇଁ ବାରଂବାର ଅନୁନୟ କରି ଏବଂ ଉଜ୍ଜୟିନୀ ପୌର ବନିତାଙ୍କ ଚକିତ ଲୋଚନାପାଙ୍ଗ ଉପଭୋଗରୁ ବଞ୍ଚିତ ନହେବା ପାଇଁ ମେଘକୁ ମନାଇ କହିବାଦ୍ୱାରା ସେ ନିଜ ଦେଶ ଓ ଜାତି ପ୍ରତି ଅଖଣ୍ଡ ସମ୍ମାନ ଓ ପ୍ରୀତି ଦର୍ଶାଇଛନ୍ତି ।

Digitized by srujanika@gmail.com

ମେଘଦୂତ କାବ୍ୟର କଥାବସ୍ତୁ ଗୋଟାଏ ବର୍ଷର ଘଟଣା ଏବଂ ଗୋଟାଏ ନବଯୁବ ଦମ୍ପତିର ବିଚ୍ଛେଦର ଅନୁଭୂତି ଉପରେ ଗଢ଼ି ଉଠିଛି । ଅଳକାପୁରର ଜନମ ଜଣେ ଯକ୍ଷ, ଯକ୍ଷରାଜ କୁବେରଙ୍କ ଦ୍ୱାରା ଅଭିଶାପଗ୍ରସ୍ତ ହୋଇ ପ୍ରିୟ କାନ୍ତା ବିଚ୍ଛେଦରେ ଏକବର୍ଷ ନିର୍ବାସିତ ହୋଇ ରାମଗିରି ବନାଶ୍ରମରେ ଏକାନ୍ତ ବନବାସ କରେ । ପ୍ରିୟା ବିରହ ବିଳାପରେ କେତେମାସ କଟିଯାଇଛି; ଆଷାଢ଼ ମାସର ପ୍ରଥମ ଦିବସରେ ସେ ହଠାତ୍ ଦେଖିଛି···ରାମଗିରି ଶୃଙ୍ଗ ସାନୁ ଉପରେ ନବ ନୀଳ ମେଘର ସଂଗ୍ରହ । ମେଘକୁ ଦେଖିବାକ୍ଷଣି ତା'ର ଆଶାଧୀନ ପ୍ରାଣରେ ବିପୁଳ ଆଶା ପଲ୍ଲବିତ ହୋଇଛି, ପୁଣି ରୁଦ୍ଧ ବେଦନା ବିକ୍ଷିପ୍ତ ହୋଇ ଦୁଃସହ ହୋଇ ଉଠିଛି । ସେ ଚେତନ ଓ ଅଚେତନର ପ୍ରଭେଦ ଭୁଲି ଆଶାୟୀ ପ୍ରାଣରେ ଏବଂ ଆତୁର ଆବେଗରେ ମେଘ ପ୍ରାଣରେ ଆତ୍ମ-ପ୍ରକାଶ କରିଛି; ପୁଣି ସେହି ମେଘକୁ ଦୂତ କରି ପଠାଇଛି ବିରହ ବିଧୁରା ନିଜ ପ୍ରେୟସୀ ପାଖକୁ ସ୍ୱ କୁଶଳ ବାରତା ।

କଥାବସ୍ତୁ କବି କାଳିଦାସଙ୍କ ନିଜ କଥା ହେଉ, ସତ୍ୟ କିମ୍ବା କାଳ୍ପନିକ ହେଉ— ସେ ଗୋଟାଏ କଳ୍ପନାର ମାନ-ସରରେ ଫୁଟାଇ ଦେଇଛନ୍ତି ବାସ୍ତବିକତାର ମଧୁର, ମନ-ମୁଗ୍ଧକର ମାନସ-ପଦ୍ମ । ଉକ୍ତ ଚରିତ୍ରର ନାୟକ ଓ ନାୟିକା, ପ୍ରେମିକ ଓ ପ୍ରେମିକା ନୁହନ୍ତି —ସ୍ୱାମୀ ଓ ସ୍ତ୍ରୀ । ଗୋଟାଏ ଦମ୍ପତି—ଗୋଟାଏ ସମାଜ ଭିତରେ ଗୋଟାଏ ପରିବାର—ଗୋଟାଏ ଆଦର୍ଶ—ଚିର ସ୍ମରଣୀୟ, ଚିର ବାଞ୍ଛନୀୟ ଏବଂ ଚିର ବନ୍ଦନୀୟ । ସ୍ୱାମୀ ଓ ସ୍ତ୍ରୀର ଚରିତ୍ର ଭିତରେ ପବିତ୍ର ଦାମ୍ପତ୍ୟ ଜୀବନର ପ୍ରକୃତ ନକସା ଏବଂ ଆଧ୍ୟାତ୍ମିକ ଆତ୍ମ—ବିକାଶର ପ୍ରତିଛବି ପରିଚୟ ସେ ସମାଜକୁ ଦାନ କରିଛନ୍ତି ।

Digitized by srujanika@gmail.com

ଷମତାନ୍ଧ କୁବେରଙ୍କ ଝୁର କଠୋର ଦଣ୍ଡ ଯକ୍ଷ ଦମ୍ପତିଙ୍କର ଦୈହିକ ବିଚ୍ଛେଦ କରିପାରିଛି ସତ—କିନ୍ତୁ ସେମାନଙ୍କ ଐଶ୍ୱରିକ ଆନ୍ତରିକତାକୁ ଭେଦ କରିପାରିନି; ସେହି ଦୁଇଟି ପ୍ରାଣର ଅନାବିଳ ଅବିଚ୍ଛିନ୍ନ ଅନୁବନ୍ଧନକୁ ସ୍ପର୍ଶ କରିବା ସାହସ ସୁଦ୍ଧା କରି ପାରିନି।

ଜଣେ ସ୍ୱର୍ଗରେ—ଅଳକାପୁରର ବିଳାସ ଆବାସରେ—ଆଉ ଜଣେ ମର୍ତ୍ତ୍ୟରେ—ରାମଗିରିର ଘୋର ବନବାସରେ ରହି ସୁଦ୍ଧା ଉଭୟ ସମ କାରାବାସ ଅନୁଭବ କରିଛନ୍ତି । ଦୂର ଦୂରାନ୍ତରରେ, ଅଦୃଶ୍ୟ ଅନ୍ତରାଳରେ ରହି ସେ ଦିହେଁ ପରସ୍ପରକୁ ପରସ୍ପର ଦେଖି ପାରିଛନ୍ତି, ମନ-ମନ୍ଦିରର ବେଦନା ପ୍ରଜ୍ଜ୍ୱଳିତ ହୁତାଶନ ଭିତରେ; ସଜଳ ଆଖିର ବିକଳ ଚାହାଣି ଭିତରେ; ପ୍ରତ୍ୟେକ ପଲକରେ, ଆକାଶରେ—ପବନରେ ଏବଂ ବନ ପର୍ବତରେ । କଥାଭାଷା କରିଛନ୍ତି—ପ୍ରାଣର ସ୍ପନ୍ଦନ ଭିତରେ । ବିରହ ସଂକୁଳ ଅଶ୍ରୁଳ ଜୀବନ ଭିତରେ ରଚନା କରିଛନ୍ତି ଚିର ସ୍ମୃତିର ମଧୁମୟ ପ୍ରସ୍ରବଣ ।

ସ୍ୱାମୀ ଓ ସ୍ତ୍ରୀ ଦୁଇଟି ଶରୀର, ଦୁଇଟି ପ୍ରାଣ, ଦୁଇଟି ଆତ୍ମା; କିନ୍ତୁ ଗୋଟାଏ ଜୀବନ, ଗୋଟାଏ ସ୍ପନ୍ଦନ, ଗୋଟାଏ ଭାବନା ଏବଂ ଗୋଟାଏ ବେଦନା । ଦୁନିଆ ଭୁଲିଯାଇ, ନିଜ ଭୁଲିଯାଇ ଜଣକ ସକାଶେ ଜଣେ ଭାବିଛନ୍ତି ପ୍ରତିକ୍ଷଣ—ପ୍ରତିଦିନ—ପ୍ରତିରାତି—ଏପରି ଏକବର୍ଷ । କାନ୍ଦିବା ଯେପରି ବିଳାସ, ଆବେଗରେ ଶାନ୍ତି, ଆନ୍ଦୋଳନ ଯେପରି ମଧୁର ଆକାଂକ୍ଷା, ଝୁରି ଝୁରି ଝିଙ୍ଗିବାରେ ତୃପ୍ତି, ମଳିନ ଦେହରେ ଯେପରି ସୌନ୍ଦର୍ଯ୍ୟ, ଭୂଇଁରେ ଲୋଟିବାରେ ଐଶ୍ୱର୍ଯ୍ୟ । ଛାତିରେ କୋହ ଏବଂ ଆଖିରେ ଲୁହ ଧରି ଜଳିବା ଯେପରି ଗୋଟାଏ ମଧୁର ଚିନ୍ତା ଏବଂ ଅନ୍ୟ ଚିନ୍ତା ଯେପରି ଗୋଟାଏ ଅଭିଶାପ । ଏପରି

Digitized by srujanika@gmail.com

ବିରହ ବେଦନା ଓ ଅନୁତାପର ମନକୁ ଝୁଣିଦେଇ ଦେହକୁ କରିଛନ୍ତି ଚ୍ନା—କିନ୍ତୁ ମଣିଛନ୍ନ ସ୍ବନା । ଏହି ମଧୁର ମମତା, ଆତ୍ମ-ନିବେଶ ଏବଂ ସ୍ୱର୍ଗୀୟ ସମ୍ବନ୍ଧର ସମନ୍ୱୟରେ କବି କାଳିଦାସ ଗାଇଯାଇଛନ୍ତି ପବିତ୍ର ଦାମ୍ପତ୍ୟ-ଜୀବନର ସରସ ବିରସ ଗାଥା । ଏହାପରି ଦମ୍ପତି ଯେଉଁଠି···ସ୍ୱର୍ଗ ସେଇଠି !!

ଏହିତକ କଥାବସ୍ତୁ ଏବଂ ବିଷୟବସ୍ତୁ ଭିତରୁ କେତେକ ଦୃଶ୍ୟୋପଯୋଗୀ ଘଟଣାକୁ ନେଇ ଗୋଟାଏ ପୂର୍ଣ୍ଣାଙ୍ଗ ନୃତ୍ୟ ନାଟିକା ଲେଖିବାରେ ମୁଁ ପ୍ରୟାସ କରିଛି । ତିନିଗୋଟି ଅଂକ ଏବଂ ଉନେଇଶ ଗୋଟି ଦୃଶ୍ୟ ଭିତରେ ନାଟିକାଟି ସଜ୍ଜିତ ହୋଇଛି । କଥାନକର ନାୟକ ମେଘ ନିକଟରେ ସମସ୍ତ କଥା ପ୍ରକାଶକରି ନିଜ ପ୍ରିୟାପାଶକୁ ମେଘକୁ ଦୂତକରି ପଠାଇବା ପରେ କାବ୍ୟଟି ସଂପୂର୍ଣ୍ଣ ହୋଇଛି ସତ୍ୟ-କିନ୍ତୁ, କାଳିଦାସଙ୍କ ଉକ୍ତି ଅନୁସାରେ ଏବଂ ନାଟ୍ୟକାରର ସ୍ୱାଧିକାର ଆଧାରରେ ଉକ୍ତ ଦୃଶ୍ୟ-କାବ୍ୟ ପୂର୍ଣ୍ଣାଙ୍ଗ କରିବା ପାଇଁ ନାୟକ ଓ ନାୟିକାଙ୍କର ପୁନର୍ମିଳନ କରାଯାଇଛି, ଯେହେତୁ କାଳିଦାସ ଯକ୍ଷର ଅଭିଶାପ କାଳ ଏକବର୍ଷ ନିରୂପଣ କରିଛନ୍ତି, "ଶାପେନାସ୍ତଂ ଗମିତ ମହିମା ବର୍ଷଭୋଗ୍ୟେଣ ଭର୍ତ୍ତୁଃ" ଏବଂ "ଶାପାନ୍ତୋମେ ଭୁଜଗଶୟନା ଦୁତ୍ଥିତେ ଶାର୍ଙ୍ଗପାଣୌ, × × ନିର୍ବେକ୍ଷାବଃ ପରିଣତ ଶରଚନ୍ଦ୍ରିକାସୁ କ୍ଷପାସୁ" ଉକ୍ତ ଶ୍ଳୋକାନୁସାରେ କାର୍ତ୍ତିକ ଶୁକ୍ଳ ଏକାଦଶୀର ଶରତ ରାତିରେ ପୁନର୍ମିଳନର ଲଗ୍ନ ଘୋଷଣା କରିଛନ୍ତି ।

ତା'ପରେ ଜଡ ମେଘକୁ ଜୀବନ୍ତ ରୂପଦେଇ, ମହାମାନ୍ୟ ବ୍ୟକ୍ତିତ୍ୱର ଆସନ ଦେଇ ଅନନ୍ତ ଆଶା ଏବଂ ବିପୁଳ ବିଶ୍ୱାସରେ ଯକ୍ଷ ମେଘ ନିକଟରେ ଆବେଦନ କରିଛି । ଅଦମ୍ୟ ବେଦନାର ଆବେଗରେ ହେଉ ବା ଯେ କୌଣସି କାରଣରୁ ହେଉ ଯକ୍ଷ ଯେତେବେଳେ ମେଘ ଉପରେ ଆସ୍ଥା ଓ ବିଶ୍ୱାସ ରଖିଛି—ତେବେ

Digitized by srujanika@gmail.com

ଖଣ୍ଡରେ ଦୂତ ରୂପରେ ମେଘର ଯଥେଷ୍ଟ ଭୂମିକା ଓ କର୍ତ୍ତବ୍ୟ ରହିଛି । ତେଣୁ ମେଘ ଦ୍ୱାରା ଦୌତ୍ୟ କାର୍ଯ୍ୟ ସମାହିତ କରିବା ଯୁକ୍ତି ଯୁକ୍ତ ମନେ କରି ପୁଣି ତାର ନିକଟରେ ଯକ୍ଷର ଭିକ୍ଷାର ସଫଳତା ପ୍ରମାଣିତ କରିବା ପାଇଁ ଯକ୍ଷପତ୍ନୀ ବିଶାଳାକ୍ଷୀ ସହ ମେଘର ପ୍ରତ୍ୟକ୍ଷ ସାକ୍ଷାତ କରାଯାଇଛି ଏବଂ ବିଶାଳାକ୍ଷୀ ନିକଟରେ ସେ ଉକ୍ତି କରିଛି — ନିଜର ଶରୀରକୁ କର୍ତ୍ତବ୍ୟନିଷ୍ଠ ଓ ପ୍ରାଣବନ୍ତ କରିବାପାଇଁ ।

ଏହି ନୃତ୍ୟ-ନାଟିକା ଲେଖିବାରେ କେତେଦୂର କୃତକାର୍ଯ୍ୟ ହୋଇପାରିଛି···ମୁଁ ଜାଣି ପାରୁନ । ତେବେ, ମୋର ପରମାରାଧ୍ୟା ଦେବତା ଜଗତଜନନୀ **ଶ୍ରୀ କାମାକ୍ଷୀ ଦେବୀ**ଙ୍କୁ ଧ୍ୟାନ କରି ମୁଁ ଯେବେ ଏହା ଲେଖିଛି···ଏଥିର ସମସ୍ତ ଭାଷା ତାଙ୍କର ଭାଷା । ମୋର ସ୍ୱର୍ଗତ ପିତୃଦେବ ଭକ୍ତକବି **ଶ୍ରୀ କାମାକ୍ଷୀ ପ୍ରସାଦ ପଣ୍ଡା**ଙ୍କ ପ୍ରେରଣା ଏବଂ ଆଶୀର୍ବାଦ ମଧ୍ୟ ଏଥିପାଇଁ ଭିକ୍ଷା କରିଛି । ଯାହାଙ୍କ କରୁଣା ଏବଂ ପ୍ରସାଦରେ ମୋର ଏହି ସଫଳତା···ସେହି ବର-ଦାୟିନୀଙ୍କ ପାଦ-ପଦ୍ମରେ ମୁଁ ନତମସ୍ତକ ଏବଂ ମୋର ପିତୃଦେବଙ୍କ ଶ୍ରୀ ଚରଣରେ ମୋର ବିନୀତ ପ୍ରଣାମ !

ଏଥିରେ ଯାହାକିଛି ତ୍ରୁଟି ମୋର ଅନୁଧ୍ୟାନ ଅଭାବରୁ ଏବଂ ସେ ସବୁ ମୋର । ଯାହା ତ୍ରୁଟି ସୁଧୀଜନ ସାଧୁ ହୃଦୟରେ ମାର୍ଜନା କରିବେ ବୋଲି ଅନୁରୋଧ । ଏଥିର ଗୀତ ଗୁଡ଼ିକର ସୁର ଏବଂ ସ୍ୱର ମୋର ସ୍ୱତନ୍ତ୍ର ରଚନା । ଜଣାଣର ସ୍ୱର ଓ ଶବ୍ଦ କିନ୍ତୁ 'ଗାନ କଳାବୋଧିନୀରୁ' ସଂଗୃହୀତ ।

ଆନ୍ଧ୍ର ପ୍ରଦେଶର ଖ୍ୟାତି ସଂପନ୍ନ ନୃତ୍ୟଶିଳ୍ପୀ ଏବଂ ନିର୍ଦ୍ଦେଶକ ଶ୍ରୀ ଡି· ଏଲ. ସମ୍ପତକୁମାର ମୋର ଜଣେ ଅନ୍ତରଙ୍ଗ ବନ୍ଧୁ । ମୋର କେତେକ ଅନ୍ୟାନ୍ୟ ଗୀତକୁ ସେ ନୃତ୍ୟର ରୂପ ଦେଇଛନ୍ତି

Digitized by srujanika@gmail.com

ଏବଂ ନୃତ୍ୟ-ନାଟିକା ଲେଖିବା ପାଇଁ ସେ ବାରମ୍ବାର ମୋତେ କହନ୍ତି । ମୋର ରଚିତ "ଗୀତ ବାଦ୍ୟ ନୃତ୍ୟ-କଳା-ବିଳାସିନୀ" ଗୀତଟିକୁ ସେ ସର୍ବପ୍ରଥମେ ଦେଇଥିଲେ ନୃତ୍ୟର ରୂପ ଏବଂ ମୋତେ କହିଥିଲେ···"ନୃତ୍ୟ ସଂପ୍ରଦାୟ ପାଇଁ ଏହି ଗୀତଟି ଦେଇ ତୁମେ ପେଟପୁର ଆଧାର ଦେଇଛ ।" ଉକ୍ତ ଗୀତଟିକୁ ସେ ପ୍ରାରମ୍ଭିକ ପୂଜା ନୃତ୍ୟରୂପେ ଭାରତର ଅନେକ ସ୍ଥାନରେ ଉଚ୍ଚ ପ୍ରଶଂସା ସହ ପରିବେଷଣ କରି ଆସୁଛନ୍ତି । ମୋର ଏହି '**ମେଘଦୂତ**' ନୃତ୍ୟ—ନାଟିକା ଦେଖିବା ପରେ ସେଥିରେ ଥିବା ସାଜସଜ୍ଜା, ଶାସ୍ତ୍ରୀୟ ଓ ଦେଶୀୟ ନୃତ୍ୟର ସଂଯୋଜନାରେ ଚରିତ୍ରର ଚମତ୍କାରରେ ସେ ମୁଗ୍ଧ ହୋଇଛନ୍ତି । ଯାହାଙ୍କ ବାରଂବାର ଉତ୍ସାହ ପାଇ ମୁଁ ଏ ବହି ଲେଖିଲି-ତାହାଙ୍କୁ ମୋର ବିଶେଷ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ବ୍ରହ୍ମପୁରରେ ଅନୁଷ୍ଠିତ ଓଡ଼ିଶା ସଂଗୀତ ନାଟକ ଏକାଡେମୀର ପ୍ରଥମ ସଂଗୀତ ସମ୍ମେଳନ ସମାରୋହରେ ମୋର ଏହି 'ପୂଜାନୃତ୍ୟ' ପ୍ରାରମ୍ଭିକ ପରିବେଷଣ କରିଥିଲେ କୁମାରୀ ସାଧନା ବୋଷ । ଏକାଡେମୀର ତତ୍କାଳୀନ ସଂପାଦକ ଶ୍ରୀ ବିମଳ ଘୋଷ ଉକ୍ତ ନୃତ୍ୟର ପରିପାଟୀରେ ପ୍ରୀତ ହୋଇ ମେଘଦୂତର କଥାବସ୍ତୁକୁ ନୃତ୍ୟ ନାଟିକା ଲେଖିବାପାଇଁ ଦେଇଥିଲେ ମୋତେ ପ୍ରଥମ ଆଗ୍ରହ । ଆଜ ତାଙ୍କର ଅଭିଳାଷ ପୂରଣ କରି ମୁଁ ତାଙ୍କୁ ସମ୍ମାନ ଜଣାଉଛି ।

ପାରଳାଖେମୁଣ୍ଡିର ମହାରାଜ ବାଳିକା ଉଚ୍ଚ ବିଦ୍ୟାଳୟର ମୁଖ୍ୟ ଅଧ୍ୟକ୍ଷ ଶ୍ରୀ ଜଗନ୍ନାଥ ପଣ୍ଡା ଏମ୍. ଏ. ବି. ଇଡ୍., ମୋର ଜଣେ ବାଲ୍ୟ ବନ୍ଧୁ । ଲେଖାଲେଖି କରିବାରେ ସେ ମୋତେ ବିଶେଷ ଉତ୍ସାହ ଦିଅନ୍ତି । ବନ୍ଧୁତା'ର ଦୁର୍ବଳତାରେ ହେଉ ବା ସତରେ ହେଉ ସେ ମୋର ଚିନ୍ତାଧାରକୁ ପସନ୍ଦ କରନ୍ତି ଏବଂ ମୋର

Digitized by srujanika@gmail.com

ଲେଖା ତାଙ୍କୁ ଭଲ ଲାଗେ । ଉପଦେଶାତ୍ମବୋଧ ତାଙ୍କ ରଚନାରେ ତାଙ୍କର ବେଶୀ ଆଗ୍ରହ । ଗୋଟାଏ ପୂର୍ଣ୍ଣାଙ୍ଗ ସମାଜ ଗଠନ କରିବାକୁ ହେଲେ—ନାରୀ ଶିକ୍ଷାର ଉନ୍ନତି ଏବଂ ପ୍ରସାର ଯେତେ ପ୍ରୟୋଜନ-ଗୃହଲକ୍ଷ୍ମୀ ହେବାପାଇଁ ଚେତନାମୂଳକ ଶିକ୍ଷା ମଧ୍ୟ ସେତେ ପ୍ରୟୋଜନ ବୋଲି ତାଙ୍କର ଅଭିମତ । ନାରୀ ଓ ପୁରୁଷ ନେଇ ଯେତେବେଳେ ସମାଜ ଗଠିତ ଉଭୟଙ୍କ ଭିତରେ ପବିତ୍ର ଦାମ୍ପତ୍ୟ ଜୀବନର ମହତ୍ତ୍ଵ ସଂଚରିତ କରିବାପାଇଁ ମୁଁ ଆଶ୍ରୟ ନେଲି—କାଳିଦାସଙ୍କ ମେଘଦୂତର କଥାବସ୍ତୁ । ମୋର ଏହି ବହି ସଂପୂର୍ଣ୍ଣ ହେବା ପରେ ଜଗନ୍ନାଥ ବାବୁ ସାଗ୍ରହେ ପ୍ରଥମ ଅଭିନୟର ଆୟୋଜନ କରିଥିଲେ । ତାଙ୍କର ବିଶୁଦ୍ଧ ଆନ୍ତରିକତା ଏବଂ ସ୍ନେହ ସକାଶେ ତାଙ୍କୁ ମୋର ସ୍ନେହାଭିନନ୍ଦନ ଜଣାଉଛି ।

ଯାହାଙ୍କ ସ୍ନେହ, ସାହାଯ୍ୟ ଓ ଉତ୍ସାହ ଆଜି ସୁଦ୍ଧା ମୋର ମନ ଭିତରେ ମଧୁମୟ ସ୍ମୃତିରୂପେ ସଂଗୃହିତ ହୋଇ ରହିଛି—ଯାହାଙ୍କ ପ୍ରଭୂତ ପ୍ରୟାସ ଏବଂ ଅମ୍ଳାନ ଶ୍ରଦ୍ଧାରେ ଏହି ପ୍ରଥମ ଅଭିନୟର ଅକଳଂକ ସଫଳତା—ସେ ହେଉଛନ୍ତି ପାରଳାର କରେଣ୍ଯ ସୁନାମଧନ୍ୟ ସାହିତ୍ୟିକ ଏବଂ କଳାକାର ଆଡ଼ଭୋକେଟ୍ ଶ୍ରୀ ଅ.ଭ୍. ବି. ନରସିଂହମ୍ ବି.ଏ. ଏ. ବି. ଏଲ୍, ଏହି ଅଭିନୟ ଦେଖି ସେ କହିଥିଲେ 'The Commencing scene of the actual drama is itself a drama and a climax' ମୋ ପ୍ରତି ତାଙ୍କର ଆଦର ଓ ଅଭିମାନ ପାଇଁ—ମୁଁ ତାଙ୍କ ନିକଟରେ ଚିର କୃତଜ୍ଞ !

ତଦ୍ରୂପ ମୋର ଆପ୍ତସଖା ପଣ୍ଡିତ ଯୁଗଳକିଶୋର ପାଣିଗ୍ରାହୀଙ୍କ ଶ୍ରଦ୍ଧା ଓ ସାହାଯ୍ୟ ଅବିସ୍ମରଣୀୟ । ସ୍ନେହାଳିଙ୍ଗନ ହିଁ ବଂଧୁର ପ୍ରାପ୍ୟ ।

Digitized by srujanika@gmail.com

ପାରଳାର ବରିଷ୍ଠ କଳାକାର ଏବଂ ଯୁବ ଆଡ୍‌ଭୋକେଟ୍ ଶ୍ରୀ ଗୋପୀନାଥ ପାତ୍ରୀଙ୍କ ସୌଜନ୍ୟତା ମୁଁ ଜାଣେ ଏବଂ ମୋର ମନ ଜାଣେ । ଏହି ଅଭିନୟରେ ତାଙ୍କର ଅକ୍ଳାନ୍ତ ପରିଶ୍ରମ ପାଇଁ ମୁଁ ଆନ୍ତରିକ ଧନ୍ୟବାଦ ଜଣାଉଛି ।

ପାରଳା ବାଳିକା ଉଚ୍ଚବିଦ୍ୟାଳୟର ତେଲୁଗୁ ଏବଂ ଓଡ଼ିଆ ଛାତ୍ରୀ, ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଏହି ଅଭିନୟ ସମାଦୃତ ହୋଇଥିବା—ଗର୍ବ ଏବଂ ଗୌରବର ବିଷୟ । ସେମାନେ ବିଶେଷ ପରିଶ୍ରମ କରି ତିନି ରାତି ମନମୁଗ୍ଧ-କର ଅଭିନୟ କରିଥିଲେ । ସେମାନଙ୍କର ଏକତା, ଆଗ୍ରହ ଏବଂ ସଫଳ ସାଧନା ମୋର ଅନ୍ତର ଭିତରେ ଅଭୁଲ ସ୍ମୃତି ହୋଇ ରହିଛି । ତେଣୁ ସେହି କଳାକାର, ଗାୟିକା ଏବଂ ପରିଚାଳିକା ଭଉଣୀ ଓ ଝିଅମାନଙ୍କୁ ମୋର ସ୍ନେହାଶୀର୍ବାଦ ଜଣାଉଛି ଏବଂ ଅନ୍ୟାନ୍ୟ ଶିଳ୍ପୀ ଏବଂ ପରିଚାଳକ ଗଣଙ୍କୁ ଧନ୍ୟବାଦ ।

ତା ୧୧-୬-୧୯୬୧ ରେ ପାରଳାଖେମୁଣ୍ଡିର ମାନ୍ୟବର ଏମ୍. ଏଲ୍. ଏ., ଶ୍ରୀ କୂର୍ମନାଇକୁଲୁ ଦୋରାଙ୍କ ଆନୁକୂଲ୍ୟରେ ଏବଂ ତତ୍‌କାଳୀନ ଏମ୍. ପି., ଶ୍ରୀ ଦିବାକର ପଟ୍ଟନାୟକଙ୍କ ମୁଖ୍ୟ ଆତିଥ୍ୟରେ ଏହି **'ମେଘଦୂତ'** ଅଭିନୀତ ହୋଇଥିଲା । ଉଭୟ ନେତା ଅଭିନୟର ବିଶେଷ ପ୍ରଶଂସା କରିଥିଲେ । ଉଭୟ ଦେଶ ନାୟକଙ୍କୁ ମୋର ସମ୍ମାନ ଜଣାଉଛି ।

ପାରଳା ମହିଳା ସମିତିର ସଭାନେତ୍ରୀ ଶ୍ରୀମତୀ ଆଇ ସରୋଜିନୀ ଦେବୀ, ତତ୍‌କାଳୀନ ଆର. ଡି. ଓ ଶ୍ରୀ ନୃସିଂହଦାସ ପଟ୍ଟନାୟକ, ତହସିଲଦାର ଶ୍ରୀ ଏସ୍. ଏ. ଜଲୀଲ, ବାଳକ ଉଚ୍ଚ ବିଦ୍ୟାଳୟ ମୁଖ୍ୟ ଅଧ୍ୟକ୍ଷ ଶ୍ରୀ ରାମଚନ୍ଦ୍ର ପଣ୍ଡା, ଏ. ଡି. ପି. ଆର. ଓ, ଶ୍ରୀ ପ୍ରକାଶଚନ୍ଦ୍ର ପାତ୍ରୀ, ଆଡ୍‌ଭୋକେଟ୍ ଶ୍ରୀରାମ ଶାସ୍ତ୍ରୀ, ଶ୍ରୀ ସିଂହାଞ୍ଚଳ ଦାସ, ଶ୍ରୀ ରମାରାଓ

Digitized by srujanika@gmail.com

ପରିଚାଳକ, (ଶିକ୍ଷକ) ଶ୍ରୀ ରାଘବସୁନ୍ଦର ସଞ୍ଚାଳକ ଏବଂ ଶ୍ରୀ ସୀତାରାମ ପଣ୍ଡା, ପୁଲିସ ଏବଂ ରେଭେନ୍ୟୁ ଷ୍ଟାଫ୍, ଗ୍ରାମ ଗ୍ରାମୀଙ୍କ ପିତାମାତା ପ୍ରମୁଖଙ୍କ ସୌଜନ୍ୟତା ପାଇଁ ମୁଁ ଚିର କୃତଜ୍ଞ ।

ଏହି ବହିର ପ୍ରକାଶନ ପାଇଁ ମୋର ପରମବନ୍ଧୁ ତରୁଣ ପତ୍ରିକାର ସଂପାଦକ ଶ୍ରୀ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କର ଆନ୍ତରିକତା ଏବଂ ଆତୁର ଅଭିଳାଷ ପାଇଁ ମୁଁ ଚିର କୃତଜ୍ଞ । ଶ୍ରୀ କୃଷ୍ଣଚନ୍ଦ୍ର ସାମନ୍ତରାୟଙ୍କ ଉଦ୍ଦାର ନମ୍ରତା ବନ୍ଧୁତା ପାଶରେ ମୋତେ ଆବଦ୍ଧ କରନ୍ତି । ସ୍ଥାନୀୟ 'ଶ୍ୟାମାକାଳୀ' ପ୍ରେସ୍‌ର ମାଲିକ ଶ୍ରୀ ଶଂକରପ୍ରସାଦ ମିଶ୍ର ବି. ଏ., ଏହାର ମୁଦ୍ରଣ କରିବାରେ ଯେଉଁ ଯତ୍ନ ଓ ପ୍ରୟାସ କରିଛନ୍ତି—ମୁଁ ସେଥିପାଇଁ ତାଙ୍କ ନିକଟରେ ଚିର-ଋଣୀ । ବିଶ୍ୱନାଥ ପୁସ୍ତକାଳୟର ମାଲିକ ଶ୍ରୀ ବାଞ୍ଛାନିଧି ରଥଙ୍କ ସାହାଯ୍ୟ ମୋର ସଂକଳ୍ପର ସଫଳତା—ତେଣୁ ମୁଁ ଚିର କୃତଜ୍ଞ ! ଶ୍ରୀ ଶରତକୁମାର ମିଶ୍ରଙ୍କ ସାହାଯ୍ୟ ପାଇଁ ମୁଁ ଆଶୀର୍ବାଦ ଦେଉଛି । କମ୍ପୋଜିଟର ଶ୍ରୀ ସତ୍ୟବାଦୀ ରଥଙ୍କ ଶ୍ରମ ଓ ଶ୍ରଦ୍ଧା ପାଇଁ ମୋର ଅଶେଷ ଧନ୍ୟବାଦ ।

ସର୍ବଶେଷରେ ମୋର ଏହି ରଚନା ସହୃଦୟ ପାଠକ, ପାଠିକା, କଳାକାର, ନୃତ୍ୟ ଓ ସଂଗୀତକାରମାନଙ୍କର ଦ୍ୱାରା ସଂପନ୍ନ ହୋଇ ଆଦରଣୀୟ ହେଲେ ମୋର ଶ୍ରମ ସାର୍ଥକ ମନେ କରିବି । **Man is never perfect—knowledge is infinite—** ଏହି ସତ୍ୟ ପ୍ରବାଦର ଆଦର୍ଶରେ ମୋର ଏହ ଅବଦାନ ସାଦରେ ଗ୍ରହଣ କରିବେ ବୋଲି ବିନୀତ ଅନୁରୋଧ ।

। ଇତି ।

ବିନୀତ

ଲେଖକ ।

Digitized by srujanika@gmail.com

SRI BRUNDABAN NAYAK
Minister
Community Development and
Panchayet Raj
ORISSA

Digitized by srujanika@gmail.com

-ଉତ୍ସର୍ଗ-

ଓଡ଼ିଶାର ପଞ୍ଚାୟତିରାଜ ସଚିବ ମାନ୍ୟବର **ଶ୍ରୀ ବୃନ୍ଦାବନ ନାୟକ**
ମହୋଦୟଙ୍କ କର କମଳେଷୁ :
ମା ନ ନୀ ୟ

ବୃନ୍ଦାବନ ବାବୁ !

ପ୍ରଭାତର ରୂପର ଆଭା ଯେପରି ଉଜ୍ଜ୍ୱଳ ଅରୁଣୋଦୟର ଆଭାସ ଦିଏ,
ସେପରି ଆପଣଙ୍କ କିଶୋର ବୟସରେ ପ୍ରକାଶ ପାଇଥିଲା ଆପଣଙ୍କ
ବ୍ୟକ୍ତିତ୍ୱର ପ୍ରସନ୍ନ ପ୍ରତିଭା । ଭାରତର ସ୍ୱାଧୀନତା ଆନ୍ଦୋଳନରେ
ଆପଣ ଥିଲେ ସତ୍ୟାଗ୍ରହୀ···ସୈନିକ । ଆଜି ଦେଶର
ଶାସକ ହିସାବରେ ଆପଣଙ୍କ ସେବା ଓ ମହତ୍ତ୍ୱର
ନେତୃତ୍ୱ ଜାତିର ଇତିହାସରେ ଚିର ପୁଷ୍ପିତ
ଏବଂ ଚିର ଈପ୍ସିତ ହୋଇ ବିକଶିତ ହେବ ।
ଏହି ତ୍ୟାଗ, ନିଷ୍ଠା ଏବଂ ଜନ-ସେବା
ଫଳରେ ଆପଣ ଆଜି

ଜନ ପ୍ରିୟ ଜନ-ନାୟକ ॥

ଦେଶ ଓ ସମାଜର ସମୂହ
କଲ୍ୟାଣ ଓ ଅଭ୍ୟୁତ୍ଥାନ ସକାଶେ
ବିବିଧ ପରିକଳ୍ପନା, ବହୁ ଶିକ୍ଷାନୁଷ୍ଠାନ, ରାସ୍ତା
ଶଂଖ ଇତ୍ୟାଦି ନିର୍ମାଣ କରିବା ସଙ୍ଗେ ସଂଗୀତ,
ସାହିତ୍ୟ ଓ କଳା ପ୍ରତି ଆପଣଙ୍କ ଅନୁରାଗ, ଆଦର
ଓ ଅବଦାନ ମଧ୍ୟ ଚିରସ୍ମରଣୀୟ । ସାହିତ୍ୟ ଓ କଳା ଜାତିର
ସଭ୍ୟତା, ସଂସ୍କୃତି ଏବଂ ଜୀବନର ଅମର ଅମଳ ଜୀବନ-ଜ୍ୟୋତି,
ଆପଣ ଉପଲବ୍ଧି କରିଛନ୍ତି । ଏହି ଚର୍ଚ୍ଚାରେ ବହୁବାର ମୁଁ
ଆପଣଙ୍କର ପ୍ରଶଂସା ଓ ଉତ୍ସାହ ପାଇଛି । ମୋର ଶ୍ରଦ୍ଧା, ପ୍ରୀତି,
ଆନ୍ତରିକତା ସହ ଆଜି ଆପଣଙ୍କ କରକମଳରେ ଅର୍ପଣ କଲି···
ଆପଣଙ୍କ ପ୍ରେରଣା ଓ ବଦାନ୍ୟତାର ପ୍ରତିଫଳ ଏହି

ମେ ଘ ଦୂ ତ !

Digitized by srujanika@gmail.com

ପରିଚୟ

ପୁ ରୁ ଷ

କୁବେର :—ଅଳକାପୁରୀଧିପତି ଯକ୍ଷରାଜ ।

ଯକ୍ଷ ହେମମାଳୀ :—ଯକ୍ଷରାଜ କୁବେରଙ୍କ ଅନୁଚର ।

ଶିବ :—ମହାଦେବ ।

ମେଘ :—

ମହାକବି କାଳିଦାସ ।

ଘନ :—ଚଷାପୁଅ ।

ଚଷାପୁଅ :—ବନଚର ଯୁବକ । ଗନ୍ଧର୍ବ ଯୁବକ ।

ସ୍ତ୍ରୀ

ବିଶାଳାକ୍ଷୀ :—ଯକ୍ଷ ହେମମାଳୀଙ୍କ ପତ୍ନୀ ।

ପାର୍ବତୀ :—ଶିବଙ୍କ ସହଧର୍ମିଣୀ ।

ବିଜୁଳି :—ମେଘର ପ୍ରିୟ ଆଳୀ ।

ବିଶାଳାକ୍ଷୀଙ୍କ ସହଚରୀ ଗଣ ।

ଗନ୍ଧର୍ବ ବାଳା

ଗେଲି :—ଚଷା ବୋହୂ ।

କେତେକ ଚଷା ବୋହୂ ଓ ଚଷା ଝିଅ,

ଅଳକାପୁରୀର କତିପୟ କାମିନୀ,

କତିପୟ ବନଚର ବଧୂ । କତିପୟ ରମଣୀ ।

—:o:—

Digitized by srujanika@gmail.com

ପ୍ରଥମ ଅଭିନୟ ସମାରୋହ
୧୧-୫-୧୯୭୧

ଅଭିନୟ କରିଥିଲେ –

ପାରଳାଖେମୁଣ୍ଡି ବାଳିକା ବିଦ୍ୟାଳୟର ଛାତ୍ରୀ ଏବଂ କର୍ତ୍ତୃପକ୍ଷ ମଣ୍ଡଳୀ ।

(ପରିଚୟ)

ତତ୍ତ୍ୱାବଧାରକ:—ଶ୍ରୀ ଜଗନ୍ନାଥ ପଣ୍ଡା, ଏମ୍. ଏ, ବି .ଇ. ଡ଼.

ମୁଖ୍ୟ ଅଧକ୍ଷ୍ୟ, ବାଳିକା ଉଚ୍ଚ ବିଦ୍ୟାଳୟ ।

ସ୍ତ୍ରୀ ଭୂମିକା ।

ବିଶାଳାକ୍ଷୀ :—କୁମାରୀ ନଳିନୀ କୁମାରୀ ଅଧିକାରୀ ।

ସହଚରୀ ଗଣ :—କୁମାରୀ ନବନୀତ ବାଳା ପଟ୍ଟନାୟକ

” ଚନ୍ଦ୍ରାବଳୀ ରାଜଗୁରୁ

” ଧନଲକ୍ଷ୍ମୀ ଚୌଧୁରୀ

” ସୁଷମା ପାଣିଗ୍ରାହୀ

” ସୁଧାଂଶୁ ପାଢ଼ୀ

” କାଦମ୍ବିନୀ ମିଶ୍ର

ପାର୍ବତୀ ଦେବୀ ” ସୁପ୍ରଭା ବେବର୍ତ୍ତା

ବିଜୁଳି :— ” ରାଜଲକ୍ଷ୍ମୀ ଶିଷୋପ୍ରୀ

ଗନ୍ଧର୍ବ ବାଳା :— ” ” ”

” ସୁଷମା ପାଣିଗ୍ରାହୀ

ବନଚର ବଧୂ ଓ ଚଷା ବୋହୂ } ” ଆର୍ ଭାରତୀ, କୁମାରୀ ଏମ୍. କେ. ସରୋଜା

” ଏମ୍. ସୀତା, ” ଇନ୍ଦିରା ମିଶ୍ର ।

ଚେଲି :— ” ଜି. ପ୍ରଭାବତୀ,

ଅପ୍ସରା ବାଳୀ ” ଏନ୍. ରାଜ୍ୟଲକ୍ଷ୍ମୀ, ଓ ବନଚର ବଧୂ

” ସରସ୍ୱତୀ ପଟ୍ଟନାୟକ ଭୂମିକାରେ ଅଭିନୟ

” ସ୍ୱର୍ଣ୍ଣଲତା ପାଢ଼ୀ, କରିଥିବା ୪ ଜଣ ।

” ସୁଶୀଳା ପଟ୍ଟନାୟକ,

Digitized by srujanika@gmail.com

ପୂ ର୍ବ ଷ ଭୂମିକା

ଯକ୍ଷ ହେମମାଳୀ :—କୁମାରୀ ଉଜ୍ଜ୍ୱଳକୁମାରୀ ଦାସ
ଶିବ :— କୁମାରୀ କୁନ୍ତଳାକୁମାରୀ ଦେଓ, ବି. ଏ.
ମେଘ :— " ଆଇ. ଲକ୍ଷ୍ମୀ
ମହାକବି କାଳିଦାସ " କିରଣବାଳା ପଟ୍ଟନାୟକ
କୁବେର :— " ପଣ୍ଡିତ ଶ୍ରୀ ନିତ୍ୟାନନ୍ଦ ରଥ
(ଅଧ୍ୟକ୍ଷ—ବାଳିକା ଉଚ୍ଚ ବିଦ୍ୟାଳୟ)
ଯକ୍ଷ :— " କୁମାରୀ ସରସ୍ୱତୀ ପାଣି
ବନଚର ଯୁବକ ଓ ଚକ୍ଷାପୁଅ } " ଏନ୍‌. ରାଜ୍ୟଲକ୍ଷ୍ମୀ
" ସରସ୍ୱତୀ ପଟ୍ଟନାୟକ
" ସ୍ୱର୍ଣ୍ଣଲତା ପାଣି
" ସୁଶୀଳା ପଟ୍ଟନାୟକ ।
ପ୍ରଚ୍ଛଦପଟ ଗାୟିକା :—" ପୁଷ୍ପବେଣୀ ପଟ୍ଟନାୟକ, (ମୁଖ୍ୟ)
" କମଳ କୁମାରୀ ପଟ୍ଟନାୟକ,
" ବିଜୟା ଟୀକାକ୍,
" ଏମ୍‌. ଲୀଳାବତୀ
" ଗାୟକ :— ଶ୍ରୀ ନାରାୟଣ ବେହେରା,
ଶ୍ରୀ କିଶୋର ପଟ୍ଟନାୟକ ।
" ସଂଗୀତ ପରିଚାଳନା :—
ବୀଣା :— ଶ୍ରୀ ଭକ୍ତବତ୍ସଳ ପାଣି,
ବେହେଲା :— ଶ୍ରୀ ଏସ୍‌. କୋଟେଶ୍ୱର ରାଓ (ମୁଖ୍ୟ)
ଶ୍ରୀ ଗୋପାଳକୃଷ୍ଣ ପଣ୍ଡା,
ଶ୍ରୀମତୀ ଆଶାଲତା ପଟ୍ଟନାୟକ !
ହାରମୋନିଅମ୍‌ :— ଶ୍ରୀ ନାରାୟଣ ବେହେରା,
ମର୍ଦ୍ଦଳ :— ଶ୍ରୀ ବନ୍ଧୁଭନାରାୟଣ ବାହୁବଳେନ୍ଦ୍ର ସିଂ,
ଖୋଳ :— ଶ୍ରୀ କୃଷ୍ଣଚନ୍ଦ୍ର ପାଢ଼ି,

Digitized by srujanika@gmail.com

ମୋର୍‌ସିଙ୍ଗ୍ :— ଶ୍ରୀ ଲକ୍ଷ୍ମୀନାରାୟଣ ପାଣ୍ଡ

ଢୋଲକ
କରତାଳ } :— ଶ୍ରୀ ନବୀନଚନ୍ଦ୍ର ପାଣ୍ଡ
ନାଗରା

ରୂପ, ବେଶ ସଜ୍ଜା ଏବଂ ପୂର୍ବାଭିନୟ ପରିଚାଳନା

ଶ୍ରୀମତି ଆର୍‌. ଭି. ନାରସାମ୍ମା ଦେବୀ, ବିଏ. ବିଇଡ଼.,

କୁମାରୀ ଟି. ପର୍ଥସାରଥି ବି. ଏ.,

" ଏମ୍. ପ୍ରଭାବତୀ, ବି. ଏ.,

" ଏମ୍. ଭି, ରମାନାମ୍ମା,

" ଏସ୍. ସୀତାଲକ୍ଷ୍ମୀ ।

ମଞ୍ଚ ସଜ୍ଜା

ଚିତ୍ରଶିଳ୍ପୀ :— ଶ୍ରୀ ଆନନ୍ଦମୋହନ ସିଂହ ଦେଓ,

ଶ୍ରୀ ବି. ବି. ଆଚାରୀ ବାବୁ,

ଶ୍ରୀ ନିତ୍ୟାନନ୍ଦ ରଥ,

ଶ୍ରୀ ଲକ୍ଷ୍ମୀନାରାୟଣ ପାଣ୍ଡ,

ମଞ୍ଚ ପରିଚାଳନା

ଶ୍ରୀ ରାଧାଚରଣ ସାହୁ,

ଶ୍ରୀ କୃଷ୍ଣଚନ୍ଦ୍ର ପାଢ଼ୀ,

ଶ୍ରୀ ଲକ୍ଷ୍ମୀନାରାୟଣ ପାଣ୍ଡ,

ଆଲୋକ ପରିଚାଳନା

ଶ୍ରୀ ମଧୁ ଦତ୍ତ, (କଟକ)

ନୃତ୍ୟ ପରିଚାଳନା

ଶ୍ରୀ ପି. ରାମମୂର୍ତ୍ତି, (ମାନ୍ଦ୍ରାଜ)

ଗୀତ ଓ ନିର୍ଦ୍ଦେଶନା

ନାଟ୍ୟାଚାର୍ଯ୍ୟ

ଶ୍ରୀ ସତ୍ୟନାରାୟଣ ପଣ୍ଡା ।

—:0:—

Digitized by srujanika@gmail.com

ଓଁ ଶ୍ରୀ କାମାକ୍ଷ୍ୟୈ ନମଃ

ଓଁ ଶ୍ରୀ କାମାକ୍ଷୀପ୍ରସାଦ ପିତୃଦେବାୟ ନମଃ

ନୈପଥ୍ୟ

ମଂ ଗ ଳା ଚ ର ଣ ମ୍ ।

ଧ୍ୟା ନ ମ୍

ଧ୍ୟାୟେତ୍ ସଦାରୋଗ୍ୟ ବିବର୍ଦ୍ଧିନୀଂତାଂ
ସଂକଳ୍ପମାତ୍ରାର୍ଦ୍ଦିତ ରୋଗବାଧାଂ
ଚନ୍ଦ୍ରଂ ସୁଧାକୁମ୍ଭ ମହୌଷଧୀଶ୍ଚ
କାମାକ୍ଷୀ ଦେବ୍ୟାଂ ଦଧନ୍ତୀଂ ଭଜାମୀଂ ।
ଅନନ୍ତ କଲ୍ୟାଣ ସୁରୌଘ ପୂଜିତାଂ
ପ୍ରସିଦ୍ଧ ଗନ୍ଧର୍ବ ସୁଗାନ ଲାଳିତାଂ
ସୁରାଙ୍ଗନା-ନାଟ୍ୟ କଳାନୁ ମୋଦିନୀଂ
ପ୍ରପଞ୍ଚସାରାଂ ପ୍ରକୃତେଃ ପରାନ୍ତାଂ ॥

ମଂ ଗ ଳ ମ୍

ସ୍ୱସ୍ତ୍ୟସ୍ତ୍ୱାମଳଲୋଚନାମୃତ ଝଷ୍ଣଂ ସ୍ୱସ୍ତ୍ୟସ୍ତୁତେ ମଂଗଳମ୍
ସର୍ବାନର୍ଥବିନୋଦ ମାରୁତ ନନ୍ଦଂ ମାତର୍ନମୋ ମଂଗଳମ୍
ବ୍ରହ୍ମାଦ୍ୟାର୍ଚ୍ଚିତ ପାଦ-ପଦ୍ମ ଯୁଗଳାଂ ଶାନ୍ତ ପ୍ରଦ୍ଭାଂ ମଂଗଳମ୍
ଆରୋଗ୍ୟାଭସ୍ତୁ ସର୍ବ ସନ୍ଧନକର୍ଷଂ କାମାକ୍ଷୀ ତେ ମଂଗଳମ୍ ॥

—:0:—

[ଭକ୍ତକବି ଶ୍ରୀ କାମାକ୍ଷୀପ୍ରସାଦ ପଣ୍ଡା କୃତ]

Digitized by srujanika@gmail.com

ଓଁ ଶ୍ରୀ କାମାକ୍ଷ୍ୟୈ ନମଃ

ଓଁ ଶ୍ରୀ କାମାକ୍ଷୀପ୍ରସାଦ ପିତୃଦେବାୟ ନମଃ

[ନେପଥ୍ୟେ

ନଟ ନଟୀ ଗଣ

ମଂଗଳ ଆରତି ହାତରେ ଧରି]

ପ୍ରା ର୍ଥ ନା

(ଗୀତ)

ରାଗ—କଲ୍ୟାଣୀ ॥ ତାଳ—ରୂପକ

ନମୋସ୍ତୁତେ ନୀରଜାସନ
ନୀଳମଣି ଗଣ—ଭୂଷିଣି ।•।
ଧୈର୍ଯ୍ୟ ସ୍ଥୈର୍ଯ୍ୟ ଶୌର୍ଯ୍ୟ ଦାୟିନି
ଶ୍ରୀ କାମାକ୍ଷୀ ମାତା, ଶାନ୍ତ ରୂପିଣି
ବର ଦାୟିନି ଭକ୍ତ ମୋହନ
ବନ୍ଦେ ଚରଣାଶ୍ରିତ—ପୋଷିଣି
ମଂଗଳ କାରିଣି
କ୍ଷମା ଖ୍ୟାତି ଦାୟିନି
ହାହ୍ମ ହାହ୍ମ ହାହ୍ମ ଜନନ ॥ ୧ ॥

ଦେବତାଙ୍କ ଉଦ୍ଦେଶ୍ୟରେ ମଂଗଳ ଆରତି ଅର୍ପଣ କରି

ଗାନ ଶେଷରେ

ସମସ୍ତେ

ସମ ସ୍ୱରରେ

" ଜୟ ଜୟ ଜୟ ଶ୍ରୀ କାମାକ୍ଷୀ ଜନନୀଙ୍କର ଜୟ"

"ଜୟ ଜୟ ଶ୍ରୀ ଗୁରୁଦେବଙ୍କର ଜୟ" !

—ঃ০ঃ—

Digitized by srujanika@gmail.com

ପ୍ରଥମ ଅଙ୍କ ।

ପ୍ରଥମ ଦୃଶ୍ୟ

ଦୃଶ୍ୟ :—ଭସିଆସେ ପ୍ରେକ୍ଷାଗୃହରୁ ମଧୁମୟ ଯନ୍ତ୍ର ସଙ୍ଗୀତ ।
ପ୍ରଥମ ଯବନିକା ଧୀରେ ଧୀରେ ଅପସରି ଯାଏ ।
ଦେଖାଯାଏ—
ଧଳା ପରଦା ।
ପରଦାର ପଛପଟେ
ଛାୟା ଲୋକରେ
ଦୃଶ୍ୟ ହୁଏ......
ଉଜ୍ଜୟିନୀ ନଗର ସୀମାନ୍ତ ଗାମିନୀ
ସିପ୍ରା ନଦୀର
ତରଂଗାୟିତ ପ୍ରବାହ ।
ନଦୀ ଧାରେ ଉଦ୍ୟାନବନ ।
କଦମ୍ବ ବୃକ୍ଷ ତଳେ ..
ମାଟିର ବେଦୀ ଉପରେ
ବସିଛନ୍ତି
ଏକାଗ୍ର ମନରେ
ମହାକବି କାଳିଦାସ ।
ହାତରେ ଲିଖନ—ତାଳପତ୍ର ଖାତାରେ କ'ଣ ଲେଖିଯାଉଛନ୍ତି ।

କାଳ :—ଗୋଧୂଳି ବେଳା ।

Digitized by srujanika@gmail.com

[ବୀଣା ତାରେ—
ଝଙ୍କର ଯାଏ
ମନ୍ଦାକ୍ରାନ୍ତ ଛନ୍ଦରେ
ମୃଦୁ, ମଂଜୁଳ, ମଧୁର ଝଂକାର !]

ନେପଥ୍ୟ ଘୋଷଣା

ଗୋଧୂଳି ବେଳା !
ବିଦାୟ ବେଳାର
ବିଷମ ବେଦନାରେ
ବିଷର୍ଣ୍ଣ ସୂର୍ଯ୍ୟଦେବ,
ଅସ୍ତାଚଳ ଉପରେ ।

କଳ କଳ ନନାଦିନୀ
ଲଳିତ ତରଂଗାପ୍ଲୁତ
ସିପ୍ରାନଦୀ ଧାରେ······
ନବ କୁସୁମିତ, ସୁରଭିତ
ଉପବନ ଅଂକ ଦେଶରେ
ବସିଛନ୍ତି·········
ଏକଲୟ, ଏକ ଧ୍ୟାନରେ
ବିଶ୍ୱ ଅମର ମହାକବି କାଳିଦାସ !

ଝରିଯାଏ
ଅମର ଲେଖନୀରୁ
ଅବାରିତ ଝରଣା ପରି
ଅମର ଅମଳ କବିତା !
କାହାପାଇଁ ?

Digitized by srujanika@gmail.com

ନିଜ ରୂପସୀ, ପ୍ରେୟସୀ,
ମାନସୀ ଉଦ୍ଦେଶ୍ୟରେ ।
ମାନସୀ ଯେଉଁଠି···
ଅଲକାପୁରୀ ସେଇଠି,
ସ୍ୱର୍ଗ ସେଇଠି ।
କିନ୍ତୁ,
ନାହାନ୍ତି ମାନସୀ ପାଶେ ;
କେଉଁ ଦୂରେ······ଦୂରାନ୍ତରେ···
ଅଛନ୍ତି ବିରହିଣୀ ବାଳା ।
ମହାକବି—
ବିରସ, ବିବ୍ରତ,
ବିରହ ବିଧୁର ।
ଉଚ୍ଛନ୍ନ ମନ ।
ଖେଳିଯାଏ
ଆଶାର କେତେ ଅଗଣିତ ତାରକା—
ଲିଭିଯାଏ ପୁଣି ।
ଘୋଟି ଆସେ—
ନିରାଶାର ଘନ କୁଜ୍‌ଝଟିକା ।
ଉଦ୍‌ବେଳିତ ସମୁଦ୍ର ପରି
ଆତୁର ଆତଙ୍କ;
ପ୍ରଖର ବନ୍ୟା ପରି
ପ୍ରଳୟ ବେଦନା ;
ଆଗ୍ନେୟ ଗିରି ପରି
ଲେଲିହାନ ଜ୍ୱାଳା ।

Digitized by srujanika@gmail.com

ଓଃ !
ଝରି ନୟନରୁ
ଝର ଝର ତପ୍ତ ଲୋତକ ଧାର—
ମିଶିଯାଏ······
ସିପ୍ରା ନଦୀର ଭଂଗ ତରଂଗରେ !
ବିରହୀ କବି,
ଯେପରି ସେ—
ପର୍ବତ ସଂକୁଳ
ନିଶୂନ, ନିବିଡ଼ ଅରଣ୍ୟ ଭିତରେ
ଅସମର୍ଥ, ଅସହାୟ
ଅଭିଶପ୍ତ !!!

ନାହିଁ କେହି ପାଶେ
କହିବେ କାହାରେ
କମିବ ବେଦନା ଦାଉ ;
କେହି ବା ଅଛନ୍ତି
ପଠାଇବେ କା'ରେ
ନେବ କେ ବାରତା ଆଉ !

ଆଷାଢ଼ ମାସର ପ୍ରଥମ ଦିବସେ
ଆକାଶେ······ଆକାଶେ···
ମାଳଗିରି ଶୃଙ୍ଗ ଶିଖର ଉପରେ···
ଯେବେ ଖେଳି ଆସେ
ନବ ଘନ ମେଘ ମାଳିକା ରଭସେ ;
ଆଶାର ବିମଳ କାନ୍ତି ବିଳସେ
ବିରହ ବିଧୁର କବି-ମାନସେ ।

Digitized by srujanika@gmail.com

ଉଦ୍‌ବଗ୍ନ ପସରଣେ
ସନ୍ତପ୍ତ କବ
କରିଛନ୍ତି ମେଘ ପାଶେ
ବନୟ ଅନୁନୟ ।
ପଠାଇଛନ୍ତି—
ମେଘକୁ ଦୂତ କରି
ନଜ ପ୍ରଣୟିନୀ ପାଶେ
ବ୍ୟାକୁଳ ବେଦନା ଭରା
ଅନ୍ତରର ଅନନ୍ତ ବାରତା !

ପଦେ ନୁହଁ
ଦି'ପଦ କି ଗୁଚ୍ଛପଦ ନୁହଁ
ଗୋଟାଏ ବରାଟ ଗ୍ରନ୍ଥ ;
ଗାଇଛନ୍ତି—
ମେଘ ମଲ୍ଲାରିତ ମନ୍ଦାକ୍ରାନ୍ତ ଛନ୍ଦରେ
ଜ୍ୱଳନ୍ତ ବରହ ବେଦନାର
ଜୀବନ୍ତ ଗୀତିକା ।
ପବତ୍ର ଦାମ୍ପତ୍ୟ ଜୀବନର
ସରସ ବରସ ଗାଥା ।

ପ୍ରକୃତିର କୁହୁକୀ-ସୁଷମା ଭିତରେ—
ବାଣ୍ଟିଦେଇଛନ୍ତି—
ବ୍ୟଥାର ସୌରଭ !

Digitized by srujanika@gmail.com

ମିଳନ ବିରହର
ମଧୁମୟ, ବିଷମୟ
ଅମଳ ଅମର କବିତା !

ଏହି ସେହି ମହାକାବ୍ୟ
ମେଘଦୂତ !

[ଆଲୋକ ଲିଭିଯାଏ—
ପଟ୍ଟ ପରିବର୍ତ୍ତନ]

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

ଦୃଶ୍ୟ :—ଧବଳ ତୁଷାର ମୌଳୀ କୈଳାସ ପର୍ବତ ।
ତା'ର ପୂର୍ବ ଦିଗରେ...
ମାନସ ସରୋବର ।
ସରସୀ ବକ୍ଷରେ ବିକଶିତ ପଦ୍ମବନ ॥
ଖେଳଯାନ୍ତି ମରାଳ ମାଳିକା ।

କାଳ :—ଅରୁଣୋଦୟ ॥
ଝଲସି ଉଠେ...
କନକ କିରଣରେ
ଦିଗ୍ ଦିଗନ୍ତ ॥

ନେପଥ୍ୟ ଘୋଷଣା ।

[ଘୋଷଣା ଅବଲମ୍ବନରେ ଗୋଟାଏ ପାର୍ଶ୍ୱର ପରଦା ଧୀରେ ଧୀରେ ଉନ୍ମୋଚନ ହୁଏ... ... ରଂଗମଞ୍ଚର ଭାସିଆସେ
ହଳଦି ରଂଗର ଆଲୋକ— ଦୂରରେ ଦେଖାଯାଏ...
କୈଳାସ ଶିଖର । ପରଦାର ପଛପଟେ
ସ୍ପଟ୍‌ଲାଇଟରେ ଦେଖାଯାଏ—ପଦ୍ମବନ
ବେଷ୍ଟିତ ମାନସ ସରୋବର ।
ସୂର୍ଯ୍ୟ କିରଣରେ ଝଲସିତ
ସରସୀ ନୀର ।]

Digitized by srujanika@gmail.com

ଘୋଷଣା :—

କୈଳାସ ଶିଖର ।
ପ୍ରଭାତର କନକ କରଣରେ
ଝଲସିତ
ରଜତ ଚୂଡ଼ା ;
ପୂର୍ବ ପ୍ରାନ୍ତେ
ମନୋରମ ମାନସ ସରୋବର ।
କରି ଭଂଗ
ମୃଦୁ ମନ୍ଦ ତରଂଗ
ଖେଳଯା'ନ୍ତି
ମରାଳ ମାଳମା ।

ସରସୀର
କୋମଳ ନୀଳ ବୁକୁରେ
ଝଙ୍କଣିତ
ରଣି ରଣି ପଦ୍ ;
ଫୁଲରାଣୀର
ଝଲ୍ମଲ ଦରହାସିତ ପାଖୁଡ଼ାରେ
ସିଞ୍ଚ ଦେଉଛନ୍ତି କି
ନବ ଅରୁଣ ରାଜ
ପଦ୍ମ-ରଂଗିମା ନବ ଅନୁରାଗ !

ମଧୁ ରାତର
ମଦ ମତ୍ତ ମଧୁପ
ଘୁଙ୍ଗନ୍ତି
ଅଳସ ଅବଶ ନିଦ୍ରା
କୋମଳ କମଳ ବକ୍ଷେ ।

Digitized by srujanika@gmail.com

ଆଶାପ୍ରୀ ଭ୍ରମର
ଆସକ୍ତ ଆତୁରେ
ଗୁଣୁ ଗୁଣୁ ସ୍ୱନେ
ଉଡ଼ଯା'ନ୍ତ ପାଶେ, ପାଶେ ।

[ନିମ୍ନଲିଖିତ ଘୋଷଣା କ୍ରମେ...
ନେପଥ୍ୟେ ବାଜଉଠେ...
ଘଣ୍ଟା, ଶଂଖ, ଝାଉକାହାଳୀ...
ଉଚ୍ଛୁଳି ଉଠେ...ବୀଣାର ଝଂକାର
ପୁଣି ଢୁଳଢୁଳ ॥]

ଗନ୍ଧର୍ବ ନଗରେ
ମନ୍ଦିର ମନ୍ଦିରେ...
ଶୁଭେ...
ଘଣ୍ଟା ରବ,
ଶଂଖ, ଭେରୀ, ଝାଉ କାହାଳୀ ।

ଘରେ ଘରେ
ମୁଖରିତ
ବୀଣାର ତରଳ ତାନ,
ଆଜ କରତାଳ ।

ଉଠେ ଉଚ୍ଛୁଳି
ଲଳନା କଣ୍ଠରେ
ଜୟ ଜୟ ଢୁଳଢୁଳ ;
ମଧୁର ମଧୁର
ମୃଦୁ ମାର୍ଗ ସଂଗୀତାବଳୀ ।

[ଅପର ପାର୍ଶ୍ୱର ପରଦା ଧୀରେ ଧୀରେ ଉଠେ]

Digitized by srujanika@gmail.com

ଦେଖାଯାଏ—ଅଳକାପୁରୀ ।

ଘୋଷଣା :—କଳାକାର-କୁଳ ସଂଭୂତା
ଗନ୍ଧର୍ବ ଲଳନା
ଆଦିମାତାଙ୍କ ପ୍ରିୟ ନନ୍ଦନା
ସଂଗୀତ-ସାହିତ୍ୟ-ନୃତ୍ୟ-ନାଟ୍ୟ-କଳା-ବିଣାଦେବୀ
ବିଦ୍ୟାଦେବୀଙ୍କୁ
କରନ୍ତି ଅର୍ଘ୍ୟଦାନ
ଭକ୍ତିଭରେ—ନତୀ ପ୍ରଣତରେ-
ଗୀତ, ବାଦ୍ୟ, ନୃତ୍ୟ ଛନ୍ଦରେ ।

[ଘୋଷଣା ଶେଷରେ ଶଂଖ ବାଜି ଉଠେ—
ପରଦା ପୂର୍ଣ୍ଣ ଭାବେ ଅପସରି ଯାଏ ।
ଦେଖାଯାଏ-ପ୍ରକୋଷ୍ଠ ପ୍ରାଙ୍ଗଣରେ—
ପୂଜା ବଧିର ସଂଭାର ; ଧୂପାଦିର ଧୂମ ;
ପ୍ରଣତଭାବରେ ନତମସ୍ତକ, ନତଜାନୁହୋଇ ବସିଛନ୍ତି ଗନ୍ଧର୍ବବାଳା]

[ବାଜିଉଠେ ବୀଣାତାରେ କଲ୍ୟାଣୀ ରାଗର ସ୍ୱରାଳାପ]

ଗୀତ ଓ ନୃତ୍ୟ ।

(ବର ମାଳକା)

ରାଗ—କଲ୍ୟାଣୀ ॥ **ତାଳ—ଆଦି ॥**

(ପାଳ) ଗୀତ·········ବୀଣାର ସ୍ୱର ।
ବାଦ୍ୟ·········· ମୃଦଙ୍ଗର ଶବ୍ଦ (ଊଦ୍ଘାଇ)
ନୃତ୍ୟ·········· ଘୁଂଗୁର ଶବ୍ଦ ।
ବଳାପିଣୀ······ (ମୃଦଙ୍ଗରେ ଊଦ୍ଘାଇ)

Digitized by srujanika@gmail.com

ଗୀତ :— ଗୀତ, ବାଦ୍ୟ, (ଶ ଗ ମ) ନୃତ୍ୟ କଳାପିନୀ
ଜନନୀ, ଜନନୀ, ଜନନୀ ॥ ୦ ॥
ବନ୍ଧୁ ମୋହିନୀ
ହିପୁର ହଦାରଣୀ
ଜନନୀ, ଜନନୀ, ଜନନୀ
ଧ୍ୟା ସ୍ୱା ମୀ ॥ ୧ ॥

ନିମ୍ନଲିଖିତ ସ୍ୱର ଅବଲମ୍ବନରେ ନୃତ୍ୟ—

ରାଗ—କଲ୍ୟାଣୀ ॥ ତାଳ—ଆଢ଼ ॥

ସା'—ନିଧା—ପାମା—ଗାରେ	ଗାମା—ଧାମା	ଗାରେ—ସା'
ସାଗା—ରେଗା—,ମା—ଧାମା	ଧାନି—ସା ଗାରେ	ସାନି—ସା'
ଗା',ରେ—; ନିରେ—ନିଧା—ନି'	ରେ', ସା—; ନି'	ସାନି—ଧାପା
ଧା', ପା—; ମା'—ପାମା—ଗାରେ	ମାପା—ଧାନି	ସା'—;
ଗା' , ରେ—; ଗା'—ରେଗାରେରେ—		
ସାନିଧାନି	ସା', ନି—; ସା'	ସାନିଧାପା—ପାମାଗାମ
ନିରେ'ଗା—, ମାଧାମା—ଧାନିସାଗା		
—ରେ ସା ନି ସା	ଗାରେ'ସା—ନିଧା ରେଧା	,ନିଧାପା —ସାନି'ଧା
ଧାନି (ରଣଝଣ)		

Digitized by srujanika@gmail.com

ରାଗ—ଷଣ୍ମୁଖପ୍ରିୟା ॥ ତାଳ—ଆଦି ॥

ଗୀତ :—

ରଣ ଝଣ, ରଣ ଝଣ ନୂପୁର ନିନାଦିନୀ
ମାଳ ମଣିମୟ ମୁକୁଟ ସୁଶୋଭିନୀ
ଗୁରୁ ହାସିନୀ
ଇନ୍ଦୁବର ନୟନୀ
ଚତୁର୍ଦ୍ଦଶ-ଦଳ-ଚକ୍ର-ନିବାସିନୀ
ଜନନୀ-ଜନନୀ-ଜନନୀ
ଆବହୟାମୀ ॥ ୨ ॥

ନିମ୍ନଲିଖିତ ସ୍ୱର ଅବଲମ୍ବନରେ ନୃତ୍ୟ—

ରାଗ – ଷଣ୍ମୁଖପ୍ରିୟା ॥ ତାଳ—ଆଦି ॥

	; — ; ନିନି	ମା – ; ଧାନି
ସାʼ ;–;ଧାନି-ସାʼ ;–; ଧାନି	ସାନିʼଧା–ପାମାପାଧା	ପାʼ ; – ; ଗାମା
ପାʼ ;–; ସାରି–ଗାʼ ;–; ରିଗା	ଧାପାʼମା–ଗାରିସାନି	ସାʼ ; – ; ;
ଗାରିଗାʼ–ପାମାପାʼ–ଧାପାଧାʼ–		
ସାନିସାʼ	ଗାରିʼଗା – ରିସାʼରି	ସାନିʼସା – ଧାନିସାରି
ଗାରିʼସା– ନିଧାନିରି–ସାʼ;/–		
ସାନିʼଧା	ପାମାପାଧା–ପାʼ ;/	ଧାପାʼମା – ଗାରିସାନି
ସାʼ (ଲଳିତ କଳାବତୀ)		

Digitized by srujanika@gmail.com

ରାଗ—ସାହାନା ॥ ତାଳ—ଝଂପା ॥

ଗୀତ :— ଲଳିତ କଳାବନ୍ତି ଅପରୂପ ରୂପବନ୍ତି
ଜନମନୋରଂଜନୀ ପ୍ରତିଭାବନ୍ତି
ମାର୍ଗ, ଦେଶୀ ସଂଗୀତାଦି...
ରାଗ ରାଗିଣୀ ପ୍ରସବିନୀ
ମୟୂର ନୃତ୍ୟ ବିନୋଦିନୀ
(ସ୍ୱର ଓ ଶବ୍ଦ ଅବଲମ୍ବନରେ ମୟୂର ନୃତ୍ୟ)
ଆସନମ୍ ସମର୍ପୟାମୀ ॥ ୩ ॥

ରାଗ—କଲ୍ୟାଣୀ ॥ ତାଳ—ଆଦି ॥

ଗୀତ :— ସାମବେଦାଦି ସ୍ୱର ସାହିତ୍ୟ—
ସା ରି ଗା ମା ପା ଧା ନି ସା
ସା ନି ଧା ପା ମା ଗା ରି ସା
ସାମବେଦାଦି ସ୍ୱର ସାହିତ୍ୟ—
ଶ୍ରୁତି ଶିକ୍ଷି-ମନ୍ତ୍ର ସ୍ୱରୂପିଣୀ
ଭରତ ଶାସ୍ତ୍ରାଦି
(ମୃଦଙ୍ଗ ସ୍ୱର—ତାକ୍, ତାକ୍, ତାକ୍, ତାକ୍)
ଭରତ ଶାସ୍ତ୍ରାଦି ତାଳ, କାଳ, ଗତି,
ଗତିବିଧି ନିରୂପିଣୀ
ଅର୍ଘ୍ୟଂ ସମର୍ପୟାମୀ
(ନାଚ) ଶୃଙ୍ଗାର, ବୀର, କରୁଣାଦି........
ନବରସ ପ୍ରମୋଦିନୀ
ପୁଷ୍ପଂ ସମର୍ପୟାମୀ

Digitized by srujanika@gmail.com

ସର୍ବ ଜୀବାନନ୍ଦମୟୀ ··· ବ୍ରହ୍ମଜ୍ଞାନମୟୀ
ଦାନ, ଜପ, ତପ, ଯଜ୍ଞ···
ମୋକ୍ଷ ପ୍ରଦାୟିନୀ
ଦୀପମ୍,
ଧୂପମ୍,
ନୈବେଦ୍ୟମ୍
ସମର୍ପୟାମୀ

(ଗୀତ) ଶ୍ରେଣୀ-ଜାତି-ଭେଦ-ଭାବ-ରହିତା
ଆଦ୍ୟମାତା ପ୍ରିୟ ନନ୍ଦନୀ
ନୀରାଜନମ୍
ସମର୍ପୟାମୀ ॥ ୪ ॥

[ସ୍ୱର ଓ ଶବ୍ଦ ଅବଲମ୍ବନରେ ନୃତ୍ୟ ସହ
ମଂଗଳ ଆଳତି ଅର୍ପଣ···]

❋ (ବାଦ୍ୟ ଓ ବୋଲ୍ ଅବଲମ୍ବନରେ ନୃତ୍ୟ···)
ନୃତ୍ୟ ଶେଷରେ **ଓଁକାର** ···
ଓ ନତଜାନୁ ହୋଇ ପ୍ରଣାମ]

{ ଧୀରେ ଧୀରେ ସେଣ୍ଟ୍ର ପାର୍ଶ୍ୱର ପରଦା ଟାଣି ହୁଏ—
କ୍ଷଣିକ ପାଇଁ ଆଲୋକ ଲିଭିଯାଏ—
ପରଦା ପଟ୍ଟପଟେ···
ସ୍ୱପ୍ନାଲୋକରେ ଦେଖାଯାଏ···
ମାନସ ସରରେ ଯକ୍ଷ ହେମମାଳୀ ମାନସପଦ୍ମ ତୋଳନ୍ତି}

Digitized by srujanika@gmail.com

ନେପଥ୍ୟ ଘୋଷଣା ॥

ସୁନାର କରଣ ବୋଲା

ନିତ ସକାଳେ ସକାଳେ

ଅଜ ସଂଜବେଳେ···

ଅଳକାପୁର ନିବାସୀ

ଯକ୍ଷ ହେମମାଳୀ

ତୋଳନ୍ତି ମାନସ ପଦ୍ମ

ମାନସ ସରରେ

ଯୋଗାଇବା ପାଇଁ

ଯକ୍ଷରାଜ କୁବେରଙ୍କ

ନିତ୍ୟ ସକାଳ ସଂଜ ପୂଜା !

[ହେମମାଳୀ ଅଦୃଶ୍ୟ]

ଆଲୋକ ଲିଭିଯାଏ···

ପଟ୍ଟପରିବର୍ତ୍ତନ ।

✽ ୧୪ ପୃଷ୍ଠାରେ ଚିହ୍ନିତ 'ବୋଲ' ଅଥର ଦୁଇ ପୃଷ୍ଠାରେ ଦେଖନ୍ତୁ !

Digitized by srujanika@gmail.com

ଆଦ୍ଧା ତାଳ [୧୪ ପୃଷ୍ଠାର * ଚିହ୍ନିତ ବୋଲ]

ଲଘୁ	ଗୁରୁ ଅକ୍ଷର	ଧୃତ O ଦ୍ରୁତ ଅକ୍ଷର	ଧୃତ O ଦ୍ରୁତ ଅକ୍ଷର
ତା’ ; – ଧି’ ;	— ନା’ ; – ତା’ ଧେଂ’	ତା’ ; – ଧି’ ;	ନା’ ; – ତା’ ଧେଂ’
ତା’ ; – ଧି’ ;	— ନା’ ; – ତା’ଧେଂ’	ତା’ ; – ଧି’ ;	ନା’ ; – ତା’ ଧେଂ’
ତା’ ; – ଧେଂ’ ;	— ଧି ତାମ୍’ , – ; ;	ତା’ ; – ଧେଂ’ ;	ଧି ତାମ୍’ , – ; ;
ତା’ ; – ଧେଂ’ ;	— ଧି ତାମ୍’ , – ; ;	ତା’ ; – ଧେଂ’ ;	ଧି ତାମ୍’ , – ; ;
ତାଂ’ ; – କ’ଟା’	— କ’ଟା’ – ତା’ଗା’	ଧିଂ’ ; – କ’ ଟା’	କ’ ଟା’ – ତା’ ଗା’
ତୋଂ’ ; – କ’ଟା’	— କ’ଟା’ – ତା’ଗା’	ନାଂ’ ; – କ’ ଟା’	କ’ ଟା’ – ତା’ ଗା’
ତା’ ; – ଧିନ୍’ ;	— ତା’ ତା’ – ଧେଂ’ ;	ଧି’ ଡ’ – ତାମ୍’ ;	ଧି’ ଡ’ – ତାମ୍’ ;
ତା’ ; – ଧିନ୍’ ;	— ତା’ ତା’ – ଧେଂ’ ;	ଧି’ ଡ’ – ତାମ୍’ ;	ଧି’ ଡ’ – ତ ମ୍’ ;
ତାମ୍’ ; – ; ଧି’	— ତାମ୍’ ; – ; ;	ତା’ ଧେଂ’ – ତା’ ଧେଂ’	ତା’ ଧେଂ’ – ତାରକଟା ତୋଂ’
ତାମ୍ ; – ; ଧି’	— ତାମ୍’ ; – ; ;	ତା’ ଧେଂ’ – ତା’ ଧେଂ’	ତା’ ଧେଂ’ – ତାରକଟା ତୋଂ’
ତ ମ୍’ ; – ; ତାଡା	— ଧେଂ’ ; – ; ;	ତା’ ତାରକଟା – ଧୋଂ’ ତା’	ତାରକଟା ଧୋଂ’–ତାରକଟା ତୋଂ’

Digitized by srujanika@gmail.com

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

<table>
<tr><th>ଲଘୁ</th><th>ସ୍ୱର ଅକ୍ଷର</th><th>ଯୁକ୍ତ O ଦୁଇ ଅକ୍ଷର</th><th>ଯୁକ୍ତ O ଦୁଇ ଅକ୍ଷର</th></tr>
<tr><td colspan="2">; ତାକ୍' – ; ତାକ୍' — ; ତାକ୍' – ; ତାକ୍'
ତାକାଧିମି – ତାକାଝେଣୁ – ତାକାଧିମି – ତାକାଝେଣୁ
ତାରକଟା ତୋଂ'–ତାରକଟା ତୋଂ'–ତାରକଟା ତୋଂ'
ଧି ତାମ୍' ,
ତାରକଟା ତୋଂ'–ତାରକଟା ତୋଂ' – ଧି ତାମ୍' ,–
ତାରକଟା ତୋଂ'
ତାରକଟା ତୋଂ'–ଧି ତାମ୍',–[*୧(ତା' ଧି'–ତୋଂ',ତା
, ଦାଧିଗି – ଣାଆ,'ଦାଧି – ଗିଣାଆ,'ଦା - ଧି ଗିଣାଆ)
, ତାକାଧି – ମିତା ତୋଂ' – , ଦାଧିଗି –ଣାଆ,'ଦାଧି
କାଧିମିତା – ଧି' ତୋଂ' – , ତାକାଧି – ମିତା ତୋଂ'</td><td>; ତାକ୍' – ; ତାକ୍'
ତାକାଧିମି – ତାକାଝେଣୁ
ତାରକଟା ତୋଂ'–ତାରକଟା ତୋଂ'
ତାରକଟା ତୋଂ' – ଧି ତାମ୍',
କାଧିମିତା – ଧି' ତୋଂ'
୨ (ତା' ଧି'– ତୋଂ' , ତା
ଗିଣାଆ 'ଦା – ଧି ଗିଣାଆ')
, ଦାଧଗି – ଣାଆ,'ଦାଧି</td><td>; ତାକ୍' – ; ତାକ୍'
ତାକାଧିମି – ତାକାଝେଣୁ
ତାରକଟା ତୋଂ'–ଧି ତାମ୍' ,
ତାରକଟା ତୋଂ' – ଧି ତାମ୍',
, ତାକାଧି – ମିତା ତୋଂ'
କାଧିମିତା – ଧି' ତୋଂ'
୩ (ତା' ଧି' – ତୋଂ' , ତା
ଗିଣାଆ,'ଦା–ଧି ଗିଣାଆ)]</td></tr>
</table>

* ଦ୍ରଷ୍ଟବ୍ୟ ଶବ୍ଦ

Digitized by srujanika@gmail.com

ତୃତୀୟ ଦୃଶ୍ୟ

ଧୀରେ ଧୀରେ ପରଦା ଉଠେ
ରଂଗମଞ୍ଚରେ
ଆଲୋକ ଦୀପ୍ତ ହୁଏ
ଦେଖାଯାଏ—

ଦୃଶ୍ୟ :— ସୌଧ ସଂଲଗ୍ନ ପ୍ରମୋଦ ଉଦ୍ୟାନ ।

ଅନନ୍ତ ନୀଳିମା ଗଗନ । ତାକୁ ଚୁମ୍ବନ କରେ
ଗିରିରାଜ ମୌଳୀ ହିମଗିରି ମାଳିକା । ହିମାଳୟ
ବକ୍ଷଦେଶରେ···ଅଳକାନଗରୀ···ସପ୍ତତଳ-
ପ୍ରାସାଦ ଦୃଶ୍ୟ । ସେହି ପୁରୀରେ ଯକ୍ଷ ହେମମାଳୀଙ୍କ
ଭବନ ; ସ୍ଫଟିକ ଶିଳାରେ ନିର୍ମିତ ।
ପ୍ରାଙ୍ଗଣରେ ଇନ୍ଦ୍ରଧନୁ ସମ ରତ୍ନ
ଖଚିତ ତୋରଣ; ସୌଧ ସଂଲଗ୍ନ
ଉପବନ ଭିତରେ ପାରିଜାତ
ପାଦପ; ପାର୍ଶ୍ୱରେ ସରସୀ
ସରସୀ ମଧ୍ୟରେ
କମଳ ଓ କୁମୁଦ
ଖେଳନ୍ତି ମରାଳ
ମାଳିନୀ ।।

କାଳ :— ଶାରଦ
ପୂର୍ଣ୍ଣିମା ରଜନୀର
ପ୍ରଥମ
ପ୍ରହର ।

Digitized by srujanika@gmail.com

ନୀଳାକାଶରେ
ଶାରଦୀୟ ପୂର୍ଣ୍ଣ ଚନ୍ଦ୍ରମା
ଧୀରେ ଧୀରେ ଉଦୀୟମାନ ।
ମୃଦୁ ମଂଜୁଳ ଜ୍ୟୋତ୍ସ୍ନାରେ ବଧୌତ
ଅଳକା
ପ୍ରଦେଶ ॥

ନେପଥ୍ୟ ଘୋଷଣା ।

ସୁନ୍ଦର ଶାରଦ ରଜନୀ
ପୂର୍ଣ୍ଣ ଶଶି
ଧୀର ବିଳାସେ ହସି ହସି
ଉଦୀୟମାନ ଯେବେ
ନବୋଜ୍ଜ୍ୱଳ ନୀଳିମା ଗଗନେ
କରି ଝଲସିତ
ଦିଗ୍ ଦିଗନ୍ତ—
କୋମଳ, କମନୀୟ,
ଶୀତ ପୁଲକିତ ଆବେଶରେ···
ଅଳକାପୁର ବାସୀନୀ
ଯକ୍ଷ ହେମମାଳୀଙ୍କ ପତ୍ନୀ
ବିଶାଳାକ୍ଷୀ
ସଖୀଗଣ ସଙ୍ଗତେ—
ଓହ୍ଲାଇ ଆସନ୍ତି ·
ପ୍ରାସାଦ ଉପରୁ
ପ୍ରମୋଦ ଉଦ୍ୟାନେ—

Digitized by srujanika@gmail.com

ବନ୍ଦାଇବେ
ଗନ୍ଧର୍ବ-କୁଳ-ଇଷ୍ଟଦେବ
ଜ୍ୟୋତ୍ସ୍ନାମୟ ଚନ୍ଦ୍ରଦେବେ !

[ଘୋଷଣା କଣ୍ଠରେ···
ହିମାଚଳର ରଜତ ଚୂଡ଼ା ଉପରେ···
ନୀଳ ଗଗନ କୋଳରେ···
ପ୍ରସ୍ଫୁଟ ଭାବେ ଦେଖାଯାଏ···
ପୂର୍ଣ୍ଣ ଚନ୍ଦ୍ରମା ।]

{ନେପଥ୍ୟ ଶୁଭେ ଶଂଖଧ୍ୱନି···ବୀରକାହାଳୀ···
ମଙ୍ଗଳ ଘଣ୍ଟ ··· ହୁଳହୁଳି ।
ବେହାଗ ରାଗିଣୀର ସ୍ୱରାଳାପ
ଝଂକୃତ ହୋଇ ଉଠେ ବୀଣାତାରେ···
ରୂପସୀ ହରିଣାକ୍ଷୀ···ସହଚରୀ ଗଣଙ୍କ ସହ ପ୍ରବେଶ କରି
ସମସ୍ତେ ମିଶି ଗାନ ଓ ନୃତ୍ୟ କରନ୍ତି । }

ଗୀତ

ରାଗ—ବେହାଗ ॥ **ତାଳ—ମିଶ୍ରଗତ ॥**

ବନ୍ଦାଅ ଲୋ ସଜନି
ଆଜ ଏ ମଧୁ ଯାମିନୀ ॥ ୦ ॥

କର୍ପୂର ଚନ୍ଦନ
ଅଗୁରୁ କୁଂକୁମ
ଅକ୍ଷତ କୁସୁମ
ଦୀପ ନୀରାଜନ
ଭରଜନମାନ ନଶାମଣି ॥ ୧ ॥

} ଚତୁରଙ୍ଗ କର

Digitized by srujanika@gmail.com

[ପ୍ରକୃତପକ୍ଷେ ସଂଗୀତ ଓ ବାଦ୍ୟ ଅବଲମ୍ବନରେ ... ...
ସମ୍ମିଳିତ ନୃତ୍ୟ ।]

ଗୀତ :—ଶୁଭ୍ର ଶରତ ମାଳମା ଆକାଶେ
ମନ-ମେଘ ଆଜ ଶୋଭ ପରକାଶେ
ସେ ଯେ ନୂତନ, ନିତ ନୂତନ
କୋଟି ତାରା—ମନ—ମୋହନ
ନୂଆ ବୋଉ ପରି ହସେ ଧରଣୀ ॥ ୨ ॥

[ପୁଣି ସ୍ୱର, ବାଦ୍ୟ ଓ ନୃତ୍ୟ]
(ଇତ୍ୟବସରରେ ଯକ୍ଷ ହେମମାଳୀ
ହଠାତ୍ ପ୍ରବେଶ କରନ୍ତି ।
ନୃତ୍ୟ ସଂଗୀତରେ ବିମୁଗ୍ଧ ହୋଇ
ଲତାନ୍ତରାଳରେ ଲୁଚି ରହି
ଉକ୍ତ ମନମୁଗ୍ଧକର ଦୃଶ୍ୟ
ଆଗ୍ରହରେ ଅବଲୋକନ କରନ୍ତି ।)

ଗୀତ :— କୁମୁଦିନୀର ଲଜଲି ଅଧର
ଛୁଇଁ ଛୁଇଁ ଯାଏ, ସେ ମନ-ଚୋର
ଆଜ ଉନ୍ମତ୍ତ
ରତି ମନ୍ମଥ

[ରତି, ମନ୍ମଥଙ୍କ ପ୍ରବେଶ
ସ୍ୱର ଓ ବାଦ୍ୟ ଅବଲମ୍ବନରେ
ନୃତ୍ୟ କରି କରି
ନିଷ୍କ୍ରାନ୍ତ]

Digitized by srujanika@gmail.com

ଆଜ ଉନ୍ମତ୍ତ
ରତି ମନ୍ମଥ
ଯାଗ ଜଗତ କେଳି ରତ

ଆନନ୍ଦେ ଗାଉ ଲେ ... ନାଚ ଲେ ମିତଣି } ଚତୁରଣ୍ଡୀ ଗ.
ମନ ଉଛନ ହେଲଣି ॥ ୩ ॥

[ଗୀତ ଓ ବାଦ୍ୟ ଅବଲମ୍ବନରେ...
ବିଶାଳାକ୍ଷୀ ସହଚରୀଗଣଙ୍କ ସହ...
ନୃତ୍ୟ-ବିଳାସରେ ମାତିଥିବା ବେଳେ...
ହେମମାଳୀ ଉତ୍‌ଫୁଲ୍ଲିତ ହୋଇ...
ଲତାନ୍ତରାଳରୁ ବାହାରି ଆସନ୍ତି ।
(ଗୋଟାଏ ଭ୍ରମର ଗୁଣୁ ଗୁଣୁ ହୋଇ ଉଡ଼ିଆସେ)
ନୃତ୍ୟ-ରତା ସହଚରୀ ଗଣ
ସହସା ଯକ୍ଷ ହେମମାଳୀଙ୍କୁ ଦେଖି
ଚମକ ଉଠି...କଳ କଳ ହସି ବାହାରିଯାʼନ୍ତି]
{ବିଶାଳାକ୍ଷୀ ସାଶ୍ଚର୍ଯ୍ୟେ
ନାଚ ବନ୍ଦ କରି–
ଏଣେ ତେଣେ କୁତୂହଳରେ ଚାହିଁଲା ବେଳେ –
ନିଜ ସ୍ୱାମୀଙ୍କୁ ଦେଖନ୍ତି ।
ତାଙ୍କ ମଥା ଲଜରେ ନଇଁପଡ଼େ-
ସେ ଓଢ଼ଣା ମଥା ଉପରକୁ ଟାଣି ନଅନ୍ତି ।
ଧୂଇ ଅଧର ପ୍ରାନ୍ତରେ
ଫୁଟିଉଠେ—
ଈଷତ୍ ଦରକଂପିତ ଦରହାସ । }

Digitized by srujanika@gmail.com

[ସଲ୍ଲଜ୍ଜ ନମ୍ର ଦୁଇଟି ଆଖି
ମନ । ନ ମାନି
ଖୋଜି ବୁଲେ—
ଅପର ଦୁଇଟି ଆଖିର ଆଲୋକ ସରଣୀ ।
ବିଶାଳାକ୍ଷୀଙ୍କ ଅପରୂପ ରୂପ ବିଳାସରେ
ହେମମାଳୀଙ୍କ ଆଖିଦ୍ୱୟ ତୃଷିତ ବିକାଶ
ଅଧର ଯୁଗଳରେ
ତରଙ୍ଗାୟିତ ହୋଇ ଉଠେ—
ମଞ୍ଜୁଳ ତରଳ ହାସ;
ପୁଲକିତ ଦୁଇଟି ଆଖି···
ପଲକହୀନ ହୋଇ···
ବିଶାଳାକ୍ଷୀଙ୍କ ଦୁଇ ଆଖିରେ
ଲାଖିରହେ ;
କ୍ଷଣିକ ପ୍ରକାଶେ
ଚାରି ଆଖିର
ଦ୍ୱୟ
ମୁଗ୍ଧ ମିଳନ !!
ସେ ହ୍ରଦହିଁ ଯେପରି ଦେଖନ୍ତି···
ଜାଗ୍ରତ ସ୍ୱପ୍ନ—
ଓ
ମିଳନ ମନ୍ଦିରର ମଧୁମୟ ପୁଣ୍ୟ ପୀଠ ।]

Digitized by srujanika@gmail.com

ମ୍ଳାନ ହୁଅନ୍ତୁ ଯେତେ
ଏକାଧାରେ
କେଉଁ ଅନନ୍ତ ଅଜଣା ସ୍ୱପ୍ନ ପୁରୀର
ମୁଗ୍ଧ, ମଧୁର ବସ୍ତୁ
ସ୍ୱପ୍ନ ବିଳାସରେ !
ହେମମାଳୀ
ବିମୁଗ୍ଧ—ବିଭୋର !
ଚଂଚଳ
ବାହୁ ଯୁଗଳ
ଗୁନ୍ଥେଁ
ମୁଗ୍ଧ ପ୍ରିୟାର
ସ୍ନିଗ୍ଧ ଆଲିଙ୍ଗନ !!

ବିଶାଳାକ୍ଷୀଙ୍କ
ଅଂଗ ପ୍ରତ୍ୟଙ୍ଗରେ ଖେଳିଯାଏ
ଧୀର, ଅଧୀର, ଶିହରଣ । ରୂପ ଲାବଣ୍ୟକୁ
ଛୁଇଁଯାଏ ସ୍ନିଗ୍ଧ ପୁଲକିତ ଝଲମିତ ଆଭା···
ଆଖି ଆଖିରେ ଭାସିଯାଏ···ଅନୁରାଗ—
ଆସକ୍ତି···ପିପାସା;
ଆଖି ହୁଏ—
ଘୁ ମନ୍ତ !
ହେମମାଳୀ
ହୁଅନ୍ତି
ଉ ଦ୍ ଭ୍ରା ନ୍ତ !!

Digitized by srujanika@gmail.com

ହେମମାଳୀଙ୍କ ହାତରୁ ଖସିପଡ଼େ ମାନସ-ପଦ୍ମ-ଗୁଚ୍ଛ,
ହେମମାଳୀ :—(ସାଗ୍ରହେ) ପ୍ର ଣ ୟି ନ !!

(ତାଙ୍କ ଉଲ୍ଲସିତ କଣ୍ଠ ଗାଇ ଯାଏ—)

(ଗୀତ)

ରାଗ—ଖମାଚ ॥ ତାଳ—ଆଦ୍ଧା ॥

ପ୍ର ଣ ୟି ନ
ସୁ ମ ଧୁ ର ଭ ଷି ଣି ॥ ୦ ॥
ପ୍ରେମ ସୋହାଗିନି··· ଗାନ-ହନୋହନ
କେଳ ବଳାସିନ··· ମନ-ମୋହନ ॥ ୧ ॥
[ପ୍ରଚ୍ଛଦପଟ ସଂଗୀତ, ବାଦ୍ୟ ଓ ମିଳିତ ନୃତ୍ୟ]

ହେମମାଳୀ :— ଏହ୍ମ ମୁଖ ମାଧୁରିମା
ଦେଖି ଉଦ୍‌ଭ୍ରାନ୍ତ ପୂର୍ଣ୍ଣ ଚନ୍ଦ୍ରମା,
ତାଳେ ଅମଳ ବମଳ ତରଳ ଜ୍ୟୋଛନା
ଭୂମ ପରଶ ଆଶେ ହସି ହସି ରସି ଆସେ
ଖସିପଡ଼ିବ କ ସେ !
ମମ ମାନସ-ମାନ-ସରୋବର-ହଂସ-ଗାମିନି ॥ ୨ ॥

[ପ୍ରଚ୍ଛଦପଟ ସଂଗୀତ, ବାଦ୍ୟ ଓ ମିଳିତ ନୃତ୍ୟ]

ବଶାଳାକ୍ଷୀ :— ଚଳ ଚଳ ଏହ୍ମ ଆଖି
କହେ କ ମନ ଲଖି
ମଧୁର ମଧୁର ଗୋପନ ଭାଷା

Digitized by srujanika@gmail.com

ହେମମାଳୀ :— ଜାଗେ କେତେ କଳପନା ଝରେ ସୁଧା ଝରଣା
ମିଟେ ନାହିଁ ପରାଣ ପିପାସା
ଆସ ମୋ ଜୀବନ—ଜ୍ୟୋତି, ଚିରସାଥି
ତୁମେ ମୋର ପ୍ରେମ ରାଜ-ରାଣି ॥ ୩ ॥

[ହେମମାଳୀ ବଣାଳାକ୍ଷୀଙ୍କୁ ଗାଢ଼ ଆଲିଙ୍ଗନ କରନ୍ତି—
ପରେ ଉଭୟେ ବିଭୋର ଭାବେ ନୃତ୍ୟ କରୁଥିବା ବେଳେ-
ନେପଥ୍ୟେ **ସତର୍କ ଘଣ୍ଟି** ବାଜି ଉଠେ;
ନାଚ ବନ୍ଦ ହୁଏ-ଉଭୟେ ଆଶ୍ଚର୍ଯ୍ୟ ଆତଙ୍କରେ ଚାହିଁରହନ୍ତି-
କ୍ଷଣିକ ସକାଶେ
ଆଲୋକ ଲିଭିଯାଏ-
ପୁଣି ଜଳିଉଠେ ।
ଯକ୍ଷରାଜ କୁବେରଙ୍କ ଆବିର୍ଭାବ !
ରକ୍ତବର୍ଣ୍ଣ ଚକ୍ଷୁ—କ୍ରୋଧ କଂପିତ କଳେବର ।]

[ହେମମାଳୀ ଓ ବଣାଳାକ୍ଷୀ···
ଯକ୍ଷରାଜ କୁବେରଙ୍କୁ ଦେଖିବାମାତ୍ରେ···ଚମକି ଉଠନ୍ତି ।
ବଣାଳାକ୍ଷୀ ଓଢ଼ଣା ମଥା ଉପରକୁ ଟାଣି ନଅନ୍ତି···
ମୁହଁ ନୁଆଇଁ ଅନ୍ତରାଳରେ ରହନ୍ତି—
—ପରେ—
ଉଭୟେ ଜାନୁପାତି ପ୍ରଣାମ କରନ୍ତି]

Digitized by srujanika@gmail.com

ହେମମାଳୀ :—(ବଦ୍ଧିତ ସ୍ୱରେ)

(ମିଶ୍ରଗଣ୍ଡ)

ପ୍ରଣତ, ପ୍ରଣତ

ଯକ୍ଷପତି ;

ଶ୍ରୀ ଶ୍ରୀ ଶ୍ରୀ

କୁବେର ରାଜ, ଧନପତି !

(ଉଠି ସନମ୍ଭ୍ରମେ ଦଣ୍ଡାୟମାନ ହୁଅନ୍ତି ।

ବିଶାଳାକ୍ଷୀ ମଧ୍ୟ ତଦ୍ରୂପ

ହେମମାଳୀଙ୍କ ପଛପଟେ ଛିଡ଼ା ହୁଅନ୍ତି ।)

କୁବେର :—(ସକ୍ରୋଧେ)

(ମିଶ୍ରଗଣ୍ଡ)

ହେମମାଳୀ ଅନୁଚର !

କରିଲ ବ୍ୟର୍ଥ ପୂଜା ମୋର

ନ ଦେଇ ମାନସ–ପଦ୍ମ-ଫୁଲ

ଯଥାବିଧି ··· ଯଥାରୀତି !!

ହେମମାଳୀ :— (ଭୟଭୀତ ହୋଇ ବିନୀତ କଣ୍ଠରେ)

(ମିଶ୍ରଗଣ୍ଡ)

କ୍ଷମାକର···କ୍ଷମା କର !

ଘୋର ଅପରାଧ ମୋର ।·

ରକ୍ଷାକର···ରକ୍ଷାକର,

ପ୍ରଭୁ, ରାଜ ରାଜେଶ୍ୱର !

Digitized by srujanika@gmail.com

କୁବେର :— (ଉତ୍‌କ୍ଷିପ୍ତ ସ୍ୱରେ)

(ମିଶ୍ର ଗୀତ)

ଚୁପ୍ କର ! ଚୁପ୍ କର !
ଉଦ୍ଧତ, ଆସ୍ପର୍ଦ୍ଧା ଚୋର !
ମୁଗ୍ଧ ପ୍ରିୟାର ପ୍ରଣୟେ ମତ୍ତ
କରିଛ ଦେବକାର୍ଯ୍ୟ କ୍ଷତ
ଏହି ବଧିର ବିରହରେ
ଏକବର୍ଷ ମର୍ତ୍ତ୍ୟରେ···
ରାମଗିରି-ବନାଶ୍ରମେ
ରହ ଭ୍ରମେ···
ବିଚ୍ଛେଦ ରେ !

ଏହି ଅଭିଶାପ ମୋର
ସ୍ଥାନମନ୍ତ ଦଣ୍ଡ ତୋର !!

[ବିଶାଳାକ୍ଷୀ ଓ ହେମମାଳୀଙ୍କ ମସ୍ତକ ଉପରେ
ସହସା ଯେପରି ଅକାଳ ବଜ୍ରପାତ ହୁଏ—
ବିଶାଳାକ୍ଷୀ ଦୁଇହାତ ମଥାରେ ଦେଇ—
ଭୟାତୁର ହୋଇ···ଛଳ ଛଳ ଆକୁଳ ଆଖିରେ···
ବିକଳ ପ୍ରାଣରେ ଚାହିଁ ରହନ୍ତି ।]

ହେମମାଳୀ :— (ଆତଙ୍କ ଆତୁରେ···
ଜାନୁପାତି
ଦୁଇ ହାତ ଯୋଡ଼ି)

Digitized by srujanika@gmail.com

(ମିଶ୍ର ଗତି)

ଶରଣ ପ୍ରଭୁ ଶରଣ
ଶରଣ ପ୍ରଭୁ ଶରଣ !

ତୁମର ଚରଣେ କରେ ମିନତି
ତୁମର ବିନା କେ ନାହିଁ ମୋ ଗତି

ଦୀନର ମାଗୁଣୀ ଶୁଣ...
ଶରଣ ପ୍ରଭୁ, ଶରଣ !

ଏହି ପ୍ରଥମ...ଏହି ଶେଷ,
କରିବିନି କେବେ ଦୋଷ ଲେଶ !

ମୋହର ଏତିକ ଦୋଷ ପାଇଁ
ଅମାପ୍ସିକ ବାଳା କଷ୍ଟା ଦାସୀ ?

ନବ ବଧୂ ବାଳା ସହିବ କେସନ
କାରବାସ ପିନା ଏକାନ୍ତ ଜୀବନ ।

ଦିଅ ପ୍ରଭୁ, ଆନ ଦଣ୍ଡ ଥରେ
ପାଳନେବି ନତ ମସ୍ତକରେ ।

କୁବେର :— (ମିଶ୍ରଗତି)

ନା—ନା—ନା !

ହୁଏ ନାହିଁ କେବେ ସମାଧାନ

କୁବେରର ବିଧି ବିଧାନ !

ପ୍ରିୟା ପ୍ରୀତି ତୋଷଣରେ

କର୍ତ୍ତବ୍ୟର ପାଳନରେ

Digitized by srujanika@gmail.com

କରେ ଯେବ୍ହ ପଦାଘାତ
ଆତ୍ମଜ୍ଞାନ ଆତ୍ମସାତ
କଠୋର ଶାସ୍ତି ହିଁ ତାର
ପ୍ରାପ୍ତ ପୁରସ୍କାର !
ଯାଅ, ହୁଅ ନିର୍ବାସିତ
ଯଥା ବର୍ଷ ଅଭିଶପ୍ତ !!

[ମୁହୂର୍ତ୍ତିକ ସକାଶେ ଆଲୋକ ଲିଭିଯାଏ···
କୁବେରଙ୍କ ଅନ୍ତର୍ଦ୍ଧାନ]

(ନେପଥ୍ୟେ ଭାସିଆସେ ବୀଣା ତାରେ କରୁଣ ରାଗିଣୀ ।)
ଅଂଧକାର ଭିତରେ ପୁଣି ସ୍ବଳ୍ପାଲୋକ ଦେଖାଯାଏ ।
ବିଶାଳାକ୍ଷୀ ମର୍ମାହତ ହୋଇ ବସିଥାନ୍ତି; ଆଖି-ପଲକ-
ହୀନ, ମୁଖେ ନାହିଁ ଭାଷା ; ଅଂଗ ପ୍ରତ୍ୟଂଗ କଂପିତ
ନାସିକାରୁ ବହେ ଘନ ଘନ ତପ୍ତ ନିଃଶ୍ବାସ ।
ସର୍ବାଙ୍ଗରୁ ଘର୍ମ୍ମ ଝରିଯାଏ । ଅକାଳ
ବନ୍ୟାରେ ଯେପରି କ୍ଷଣିକ ପୂର୍ବର ମିଳନ-ଆନନ୍ଦ
ସମୂଳେ ଧୋଇ ହୋଇ ଚାଲି ଯାଏ' ।
ଗଭୀର ଦୁଃଖରେ ସେ ଭାଙ୍ଗି
ପଡ଼ନ୍ତି । ସେ ଦେଖନ୍ତି
ଅଂଧକାର । ସ୍ତବ୍ଧ
ଅବାକ୍ ଆଖିରେ
ଚାହିଁ ରହନ୍ତି ।

ହେମମାଳୀ

ମୂକ, ସ୍ତବ୍ଧ, ନିସ୍ତବ୍ଧ !

Digitized by srujanika@gmail.com

ହେମମାଳୀ

ମୁଖ ଫେରାନ୍ତି, ବିଶାଳାକ୍ଷୀଙ୍କ ବିପର୍ଯ୍ୟସ୍ତ
ରୂପ ଦେଖି ଅଧୀର ହୋଇ ଉଠନ୍ତି । ସେ
ବିଶାଳାକ୍ଷୀଙ୍କ ଦୁଇବାହୁ ଧରି ଧୀରେ ଧୀରେ ଉଠାନ୍ତି ।
ଉଭୟେ ପରସ୍ପର ବିଗେ ଅପଲକ ଆଖିରେ ଚାହିଁ ରହନ୍ତି ।
କେତେ ବିକଳ ଚାହାଁଣୀ···କି ରୁଦ୍ଧ ଆବେଗ···କି ଅବ୍ୟକ୍ତ ବେଦନା !
କ'ଣ କୁହାକୁହି ହେବା ପାଇଁ ମନର ଆନ୍ଦୋଳନ; ରୁଦ୍ଧ ହୁଏ କଣ୍ଠ !

ବିଶାଳାକ୍ଷୀଙ୍କ ମୁଖରେ ଅବ୍ୟକ୍ତ ବେଦନା ଦେଖି
ହେମମାଳୀ ତାଙ୍କ ଚିବୁକ ଧରନ୍ତି···
ବାହୁ ସାଉଁଳାଅନ୍ତି । ବିଶାଳାକ୍ଷୀଙ୍କ
ଛାତିରୁ କୋହ ଉଠେ—ଆଖିରୁ ଧାର ଧାର
ଲୁହ ବହେ । ହେମମାଳୀ ବିଶାଳାକ୍ଷୀଙ୍କୁ
ନିଜ ପାଖକୁ ଟାଣି ନିଅନ୍ତି । ବିଶାଳାକ୍ଷୀ
ହେମମାଳୀଙ୍କ ଛାତି ଉପରେ ନଇଁ ପଡ଼ନ୍ତି ।

•

ହେମମାଳୀ ବିଶାଳାକ୍ଷୀଙ୍କ
କୁନ୍ତଳ ସଜାଇ—
ବେଣୀ ବାନ୍ଧି—
ଦିଅନ୍ତି ଆଶ୍ୱାସନା ।

Digitized by srujanika@gmail.com

ହେମମାଳୀ :— (ଝିଞ୍ଜୋଟି)

କାନ୍ଦନ, ମୋର ଗଳାର ହାର !
ତୁମ ଆଖିର ଟୋପାଏ ଜଳ
ସୁରଧୁନୀର ଅତଳ ଜଳେ
ବୁଡ଼ାଇବ ମୋତେ କାଳ କାଳ ।
ତୁମର ରୂପ···ତୁମର ଭାଷା
ତୁମ ସୁଆଗ···ତୁମର ଆଶା
ବଞ୍ଚିବ···ମୁଁ ଯେ ବଞ୍ଚିବ
ତୁମ ପାଶେ-ଏବେ···ଫେରି ଆସିବ ।
ଯିବ ଚାଲି ସତେ, ପ୍ରିୟତମା !
ଛିନ ଭିନ ହୁଏ ମନ ପରାଣ···
କ କହେ, ଅକୁହା ବେଦନା !
ତୁମେ କ'ଣ ନ ଜାଣ
ଅଧୀନ ଜୀବନ—
କାହିଁ ଥାଇ ସିନା ମରଣ !
[ଆଖିରୁ ଅଶ୍ରୁ ଝରିଯାଏ···
ସତ୍ୱରରେ ସେ ବିଶାଳାକ୍ଷୀଙ୍କ
ଚିବୁକ ଧରନ୍ତି ।]
ବିଶାଳାକ୍ଷୀ ହେମମାଳୀଙ୍କ ଆଖିରେ
ଅଶ୍ରୁ ଦେଖି···ଦୁଃଖର ବେଗ
ସମ୍ଭାଳି ନପାରି···ଆତୁର
ଆବେଗ ପ୍ରାଣରେ—କାନ୍ଦି କାନ୍ଦି
ଡାକନ୍ତି···
ଦେ ବ ତା !

Digitized by srujanika@gmail.com

(ଗୀତ)

ରାଗ—ତୋଡ଼ି ॥ ତାଳ—ଆଢ଼ ॥

ଦେବତା, ଦେବତା, ଦେବତା !
ତୁମର ପୁଲକ ଜୋଛନା ତଳେ
ଏ’ କି ଅଲୋକିତ କଥା ॥ ୦ ॥
କେଉଁ ଜନମର କି ପାପ କେଜାଣି
ଏହି ଜୀବନରେ କଷ୍ଟ ତ କରିନ
ସହି ନ ପାରି କି···
ଏତେ ହସ ସୁଖ···
ବିରହ ବହ୍ନିଲେ ବିଧାତା ॥ ୧ ॥

[ବିଶାଳାକ୍ଷୀଙ୍କ ମାଳ ବେଣୀରୁ···
ଫୁଲ ଗୁମ୍ଫା ଖସିଯାଏ···
ହେମମାଳୀ ସେହି ଫୁଲ ଗୁମ୍ଫା ତଳରୁ ଉଠାଇ-
ପୁଣି ବିଶାଳାକ୍ଷୀଙ୍କ ବେଣୀରେ
ପିନ୍ଧାଇ ଦିଅନ୍ତି ।
ଉଭୟଙ୍କ ଆଖିରୁ ଧାର ଧାର ଲୁହ ଝରିଯାଏ ।]

(ଗୀତ) :— ଘେନେଇ ଆସିଲାଣି ଘନ ଅନ୍ଧକାର
ଯିବେ ଗୃହ ଦୂରେ···ଘନବନେ···ପ୍ରିୟବର !
କେହି ନାହିଁ କି ଏବେ···
ହେବେ ସାହା ମୋର

Digitized by srujanika@gmail.com

କହ କଥା

କଥା କହ

କହ କଥା, କଥା କହ, ଦେବତା ॥ ୨ ॥

[ନେପଥ୍ୟେ ସତର୍କ ଘଣ୍ଟା ବାଜ ଉଠେ—

ହେମମାଳୀ ବିଶାଳାକ୍ଷୀଙ୍କ

ଦୁଇହାତ ଧରି ବିଦାୟ ଜଣାଅନ୍ତି]

ବିଶାଳାକ୍ଷୀ :—(ମନ୍ଦ୍ର ଉଚ୍ଚସ୍ୱରେ)··· ଦେବତା !

(ହେମମାଳୀ କେତେ ପାଦ ଆଗକୁ ଯାଆନ୍ତି)

ବିଶାଳାକ୍ଷୀ ଅଗ୍ରସର ହୁଅନ୍ତି ।

(ମଧ୍ୟମ ଉଚ୍ଚସ୍ୱରେ)··· ଦେବତା !

(ହେମମାଳୀ ପୁଣି କେତେପାଦ ଆଗକୁ ଯା'ନ୍ତି)

ବିଶାଳାକ୍ଷୀ ଆତୁର ଆବେଗ ପ୍ରାଣରେ

ଦୁଇ ବାହୁ ଉପରକୁ ଉଠାଇ

ଆଗେଇ ଯା'ନ୍ତି)

ହେମମାଳୀ ଅଦୃଶ୍ୟ ହୁଅନ୍ତି ।

ବିଶାଳାକ୍ଷୀ ଆତୁରରେ ଏଣେ ତେଣେ ଖୁଣ୍ଟି-ହେମମାଳୀଙ୍କୁ ନଦେଖି-

Digitized by srujanika@gmail.com

ବିଶାଳାକ୍ଷୀ :— (ତାରକ ଉଚ୍ଚସ୍ୱରରେ)

ଦେବତା !

ଭୂମି ଉପରେ ପଡ଼ି-ମୂର୍ଚ୍ଛିତ ହୁଅନ୍ତି ।

ସହସା

ସହଚରୀ ଗଣ

ସେଠାରେ ପ୍ରବେଶ କରି

ବିଶାଳାକ୍ଷୀଙ୍କ ନିକଟକୁ ଯାଇ

ଶୁ ଶ୍ରୂ ଷା

କରନ୍ତି ।

[ଆଲୁଅ ଲିଭିଯାଏ ।]

ପ ଟ ପ ତ ନ

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

ନେପଥ୍ୟ :—

ଶ୍ଳୋକ

କଶ୍ଚିତ୍ କାନ୍ତାବିରହଗୁରୁଣା ସ୍ୱାଧିକାରାତ୍ ପ୍ରମତ୍ତଃ
ଶାପେନାସ୍ତଂଗମିତ ମହିମା ବର୍ଷଭୋଗ୍ୟେଣ ଭର୍ତ୍ତୁଃ
ଯକ୍ଷଶ୍ଚକ୍ରେ ଜନକତନୟା- ସ୍ନାନପୁଣ୍ୟୋଦକେଷୁ
ସ୍ନିଗ୍ଧଚ୍ଛାୟା-ତରୁଷୁ ବସତିଂ ରାମଗିର୍ଯ୍ୟାଶ୍ରମେଷୁ ।

———

[ଶ୍ଳୋକ ଅବଲମ୍ବନରେ
ଧୀରେ ଧୀରେ ପରଦା ଉଠେ
ଦେଖାଯାଏ—]

ଦୃଶ୍ୟ :—

ନିବିଡ଼ ଅରଣ୍ୟ ସଂଲଗ୍ନ ରାମଗିରି ମାଳିକା
ଅରଣ୍ୟ ଭିତରେ ଦେଖାଯାଏ
ଆଶ୍ରମ କୁଟୀର ।
କୁଟୀରର ଅନତିଦୂର ସମ୍ମୁଖରେ ଗୋଟାଏ ବକୁଳ ବୃକ୍ଷ
ବୃକ୍ଷର ପାଦଦେଶରେ
ମାଟିର ମଣ୍ଡପ ।
ସେହି ମାଟିର ମଣ୍ଡପ ଉପରେ
ବିରହ ବଧୂର **ହେମମାଳୀ** ବସିଛନ୍ତି ଏକାନ୍ତରେ
ନିଶ୍ଚଳ ନିଷ୍ପନ୍ଦ ଭାବେ ଏକ ଧ୍ୟାନରେ । କୁଂଚିତ କପାଳ,
ନିଷ୍କମ୍ପ ଭ୍ରୂଯୁଗଳ···ନିଷ୍ପ୍ରଭ ନିବଦ୍ଧ ଦୃଷ୍ଟି । ପ୍ରାଣର ଅଧୀର

Digitized by srujanika@gmail.com

ଆନ୍ଦୋଳନ, ତକ୍ତ ବେଦନା ସେ ଯେପରି ଅନୁଭବ କରନ୍ତି
ସ୍ତବ୍ଧ ସ୍ତିମିତ ପ୍ରାଣରେ ।

କାଳ :— ଅଂଧାର ଶୀତ ରାତ୍ର ।

ଗରଜେ ନିଶା—ବରଷେ ଶିଶିର ।

ଘନ ଶୀତରେ ଗିରିବନ ନିସ୍ତବ୍ଧ । ବେଳେ ବେଳେ ଦୂରରୁ ଶୁଭେ କେଉଁ କେଉଁ ବନ୍ୟପଶୁର କ୍ଷୀଣ ଗର୍ଜ୍ଜନ । ଗଛ ଲତା ଗହଳରୁ କ୍ଷଣେ କ୍ଷଣେ ଶୁଭେ···କେଉଁ କେଉଁ ପକ୍ଷୀର ଆଶ୍ୱାସ ଭରି ଅଳସ କୂଜନ । ପ୍ରକୃତି ଦିଶେ ସଂକୁଚିତ । ପ୍ରକୃତିର ନିର୍ଜ୍ଜନତା ଭିତରେ ହେମମାଳୀର ହୃଦୟର ନିର୍ଜ୍ଜନତା ଯେପରି ଗୋଟାଏ ନିଷ୍ଠୁର ନିଶୁନତା ସୃଷ୍ଟି କରିଛି ।

ହେମମାଳୀ

ଏକାକୀ !
ସୋହାଗିନୀ ପତ୍ନୀର ଏକାନ୍ତ
ମଧୁମୟ ସ୍ମୃତିରେ
ସେ
ନିଲ୍ଲିନ···ନିର୍ବେଦ
ନି ର୍ବା କ !

ସହସା କେଉଁ ଅଦୂର ବୃକ୍ଷ ଅନ୍ତରାଳରୁ ଶୁଭେ ଚକ୍ରବାକୀର ଅସ୍ପଷ୍ଟ ଚିତ୍କାର । ଚମକି ଉଠନ୍ତି **ହେମମାଳୀ** । ତାଙ୍କର ମୋହ ଭାଙ୍ଗି ଯାଏ । ସେ ଈଷତ୍ ଚଂଚଳ ହୋଇ ପଡ଼ନ୍ତି । ଦୃଷ୍ଟି ଯାନ୍ତି ଊର୍ଦ୍ଧ୍ୱଦିଗେ !

Digitized by srujanika@gmail.com

ଉପରେ
ବିଶାଳ ନୀଳ ଆକାଶ ।
ଶୀତ ବାୟୁର ଆର୍ଦ୍ର ଛାତିରେ ନୀଳ ନଭର ନକ୍ଷତ୍ର ରାଶି
କ୍ଷୀଣ ପ୍ରଭା ଦେଖାଯାନ୍ତି । ହେମମାଳୀ ମୁଗ୍ଧ ପ୍ରାଣରେ
ସେହି ତାରକା ଆଡ଼େ ଚାହାଁନ୍ତି । ମିଟି ମିଟି ତାରକାର
ଅସ୍ପଷ୍ଟ ଝଲକରେ ତାଙ୍କର ପ୍ରାଣ କାନ୍ଦି ଉଠେ ।
ସେ ବିଷାଦ ବିକଳ ପ୍ରାଣରେ—.

ଗୀତ

ହେମମାଳୀ :—

ରାଗ—କଲ୍ୟାଣୀ ॥ ତାଳ—ମିଶ୍ରଗଢ ॥

ତାରକା,
ତାରକା······ତାରକା !
ମିଟି ମିଟି ଆଉ ଚାହଁନା ॥ ୦ ॥
ସେହି ସଜଳ ଆଖିର ବିକଳ ଚାହାଁଣୀ
ମନେ ପଡ଼ି ଯାଏ କନା ॥ ୧ ॥
ସେ ଦିନର ସେହି ଲୁହ ଧାର ଧାର
ବରଷିଯାଏ କି ଝର ଶିଶିର
ଅକାଳ କୁହୁଡ଼ି—ଅମା ଅଂଧକାର
ମନ ଅଧୀନରେ ରହେ ନା ॥ ୨ ॥
ସେହି ମୁହଁ ଦିଶେ, କହେ କି କଥା
ଝୁରି ଝୁରି ଥିବେ ସେନେହ ଲତା

ଜଳିଁ ଥାଇ ଏକ, ମରଣ ବ୍ୟଥା
ଆଜ୍ଜ ସହ୍ୟ ପାରେ ନା ॥ ୩ ॥
ମୋର ଗୁଣ ଗୁଣି ଆକାଶ ପଥେ
ଗଣୁଥିବେ ସବେ ତାରକା କେତେ
କହ ତାରକା, ଗୁପ୍ତ-ସାଥିକା
କୁଶଳ କ ପ୍ରିୟତମା ॥ ୪ ॥
ତାରକା—ତାରକା—ତାରକା !!!

[ସେ ଗୁଣୁଥାନ୍ତି ...
ତାରକା ଦରେ...
ଆଲୁଅ ଲିଭିଯାଏ]

ପଟ୍ଟ ପରିବର୍ତ୍ତନ ॥

Digitized by srujanika@gmail.com

ପଞ୍ଚମ ଦୃଶ୍ୟ

୨

ଦୃଶ୍ୟ :— ଅଳକାପୁରୀରେ

ଯକ୍ଷ **ହେମମାଳୀର** ସୌଧ ସଂଲଗ୍ନ

ପ୍ରମୋଦ ଉଦ୍ୟାନ ॥

ଉପବନ ଭିତରେ ମରକତ ମଣ୍ଡପ;

ମଣ୍ଡପର ଚତୁପାଶ ସ୍ତମ୍ଭ ନବଘଞ୍ଚ ମାଧବୀ ଲତିକାରେ ପରିଶୋଭିତ ।

ଅନତି ଦୂରରେ ସରସୀ

ସରସୀ ବକ୍ଷରେ ଗଣି ଗଣି ପଦ୍ମପୁଷ୍ପ ପ୍ରସ୍ଫୁଟିତ ।

ସନ୍ତରଣ କରନ୍ତି···

ରାଜହଂସ ମାଳମା

ଉପବନ ନାନାବିଧ ପୁଷ୍ପ ଲତିକାଦିରେ ବିଶୋଭିତ ।

ଅଦୂରେ···ପ୍ରସ୍ଫୁଟିତ ପାରିଜାତ ପାଦପ !

କାଳ :— ପରାହ୍ଣ ।

ବସନ୍ତ ଋତୁ ॥

[ମଣ୍ଡପ ଉପରେ ପତ୍ନୀ ବିରହିଣୀ **ବିଶାଳାକ୍ଷୀ**

ଭୂଇଁ ଉପରେ ଅର୍ଦ୍ଧଶାୟିତ

ଚାରିପାଶେ ସହଚରୀ ଗଣ···

ପଦ୍ମଫୁଲ ଚୋଡ଼ା ଧରି ବ୍ୟଜନ କରନ୍ତି-

ଗୋଧୂଳୀ ବେଳାର ସୁନେଲି କିରଣ

ଭିତର ଦେଇ

ପରଦା ଉଠେ—

Digitized by srujanika@gmail.com

ନେପଥ୍ୟ—ବୀଣା ତାରରେ କରୁଣ ରାଗିଣୀର
ସୁର ଝଂକୃତ ହୋଇ ଉଠେ—
ବିଶାଳାକ୍ଷୀ ବିରହ ଜ୍ୱାଳାରେ
ଆନ୍ଦୋଳିତ ପ୍ରାଣରେ ଉଠି
ବସନ୍ତି ।]

ବିଶାଳାକ୍ଷୀ :—

ଗୀତ

ରାଗ—ସାରଙ୍ଗ ॥ ତାଳ—ମିଶ୍ରଗତି ॥

କେ କେତେ କହିଲେ ହେଲେ···
ମନ ମାନେ ନା ରେ
ସେ ମୂରତି ······ ହବା ଗତି
ନାଚେ ଆଖିରେ ଆଖିରେ ॥ ୦ ॥

(ଲତାନ୍ତରାଳରେ କୋଇଲି କୁ କୁ ଡାକେ···
ବିଶାଳାକ୍ଷୀ ଉଠି ସେହି ଦିଗେ ଯାʼନ୍ତି···
ସଖୀବର୍ଗ ଗଣ ପଛେ ପଛେ ଯାʼନ୍ତି)
କେଜାଣି କି ଛନ୍ଦେ ଗାଉ କି ଗୀତ
ଅବୁଝା କୋଇ, ଅଟେ ଏ ମୋର ଚିତ୍ତ
ମନ ଭୁଲାଣିଆ ଗୀତ ଗାʼଅନା
କୋଇଲି,
ତୁ,
ଗାଅ ନା
ଆଜ ଗାଅ ନା ରେ
କୋଇଲି ତୁ ଗାଅନା···ଆଜ ଗାଅ ନା ରେ ॥ ୧ ॥

Digitized by srujanika@gmail.com

{ ସହଚରୀଗଣ ଦଅନ୍ତ ଶାନ୍ତ୍ୱନା—
କନ୍ତୁ **ବଶାଳାକ୍ଷୀ** ଆନମନା···
ମୁଖ ମଳନ···
ସେ ଅଧୀର
ଅସ୍ଥିର }

[**ବଶାଳାକ୍ଷୀ** ମୁଖ ଫେରାନ୍ତ
ଅନ୍ୟ ପାର୍ଶ୍ୱ ଦଗେ···ଦେଖନ୍ତ···
ଧୀର ସମୀରଣରେ
ଲତକାର ଫୁଲଗଛ
ଦୋହଲୁଥାଏ······
ସେ ଆଡୁରେ ସେହି ଦଗେ ଦୌଡ଼ ଯା'ନ୍ତ
ସହଚରୀଗଣ ଅନୁସରଣ କରନ୍ତ]

ଗୀତ :— କଉତୁକେ ଖେଳଯାଉ ରେ ସମୀର
ସେହି ରାଇଜରୁ ଆଣିଛୁ କ ଖବର
ଛୁଅଁନା···ଆଜ୍ ··· ଜାଳ ଦଅନା
ମଳୟ,
ତୁ
ଛୁଅଁନା
ଆଜ ଛୁଅଁନା ରେ
ମଳୟ ତୁ ଛୁଅଁନା···ଆଜ ଛୁଅଁନା ରେ ॥ ୨ ॥

Digitized by srujanika@gmail.com

ସହଚରୀଗଣ :— (ଗୀତ)

୧ମ— ରବି ପାହାଡ଼ରେ ଆସେ ନ କି ଅରୁଣ
୨ୟ— ଚାତକ ଅନାଏ ବରଷା ଘନ
୩ୟ— ପାଖେଇଲାଣିଟି···ସେ ଶୁଭଦିନ
୪ର୍ଥ— ଆସିବେ······
୫ମ— ଗେଲ୍ କରିବେ···
୬ଷ୍ଠ— ମନ କଣା-କଥା କହିବେ ରେ
ସମସ୍ତେ— ଆସିବେ, ଗେଲ କରିବେ,
ମନ-କଣା-କଥା କହିବେରେ ॥ ୩ ॥

(ସହଚରୀଗଣଙ୍କ ମୃଦୁ ଆଶ୍ୱାସନା···**ବିଶାଳାକ୍ଷୀ**ଙ୍କ ଚିତ୍ତକର ବୋଧ ହୁଏନି···ବିଷର୍ଣ୍ଣ ମୁଖରେ ସେ ସ୍ଥଳ ଯାନ୍ତି—ପଛେ ୨ ସହଚରୀ ଗଣ ନିଷ୍କ୍ରାନ୍ତ)

—ଯବନିକା—

ପ୍ରଥମ ଅଙ୍କ ସମାପ୍ତ ।



Digitized by srujanika@gmail.com

ଦ୍ୱିତୀୟ ଅଂକ

ପ୍ରଥମ ଦୃଶ୍ୟ

ଦୃଶ୍ୟ :

ଅରଣ୍ୟ ସଂକୁଳ ଗ୍ରମଗିରି ମାଳିକା ।
ଅଦୂରେ ପର୍ବତ ବକ୍ଷ ଦେଶରେ
ଜଳପ୍ରପାତର ବାରିଧାରା ବହିଯାଏ ;
ଫେନିଳ ଉଚ୍ଛ୍ୱସିତ···ସୂର୍ଯ୍ୟ କିରଣରେ
ଝଲସିତ ।
ପର୍ବତର ନିମ୍ନ ଦେଶରେ କଳ କଳ
ନାଦରେ ଝରଣା ବହିଯାଏ ।
କେଉଁଠି କଦମ୍ବ ବୃକ୍ଷ···କେଉଁଠି
ମାଳତୀ ଲତିକା-ସବୁ ପ୍ରସ୍ଫୁଟିତ ।
ପାର୍ଶ୍ୱରେ କୁସୁମିତ କୁଟଜ ବନ ।

ପର୍ବତ ତଳେ କେତେଗୋଟି ବଡ଼, ଶ୍ଳେଟ ଶିଳାଖଣ୍ଡ ଦେଖାଯାଏ । ଗୋଟିଏ ଶିଳାଖଣ୍ଡ ଉପରେ ଯକ୍ଷ **ହେମମାଳୀ** ଉପବିଷ୍ଟ ।

ଶୀର୍ଣ୍ଣ, କୃଶକାୟ । ମଣିବନ୍ଧନରୁ ବାହୁ ପର୍ଯ୍ୟନ୍ତ ହେମ କଂକଣ ଖସି ପଡ଼ୁଥାଏ । ଶରତ ତାପରେ ସେ ଶୁଷ୍କ—ମା'ଙ୍କ ରୁକ୍ଷ ଦେଖାଯା'ନ୍ତି । ମନ—ନିରାନନ୍ଦମୟ ··· ହତାଶ ଦେଖାଯାନ୍ତି । କେତେ

Digitized by srujanika@gmail.com

କ'ଣ ଭାବ ଭାବ ବସିଥାନ୍ତି···ସେପରି
ଏମ ନିଃସହାୟ, ନିଃସମ୍ବଳ ଓ ନିରୁପାୟ !

କାଳ :
ଦିବସ ।
ଆଷାଢ଼ ମାସର
ପ୍ରଥମ
ଦିନ ।

ପରଦା
ଧୀରେ ଧୀରେ ଉଠେ ॥

ହେମମାଳୀ :— ବିତିଗଲା
ଆଠମାସ
ବହିଗଲା
ଏହି ଭଂଗା ପଞ୍ଜରେ
କେତେ ଶ୍ୱାସ
ଝଡ଼, ବତାସ !
କଲ୍ୟାଣୀ
ମୋର
ମିତଭାଷିଣୀ
ପ୍ରେମ-ବସନ୍ତ-କଳାପ
ଝୁରି ଝୁରି—
କେତେ ଝଡ଼ ପିବଣି
ଏକାନ୍ତ ଜୀବନ
ଦୁରନ୍ତ ମଣି !

Digitized by srujanika@gmail.com

ଏନ୍ଧ ଦଶିଯାଏ
ସେଣ୍ଟ ମୂର୍ଦ୍ଧ
ଗୁଣ୍ଡରେ କୋଢ
ଆଖିରେ ଲୁଢ
ମନରେ ମସ୍ତ ମୋଢ !
ଗୋଟାଏ ଗୃହୀଣୀ
ଗୋଟାଏ ଲସ୍ୱ
ଚେତା ଅଚେତା
କ ବଳସ୍ୱ !!
(ଦୀର୍ଘ ନିଃଶ୍ୱାସ ତ୍ୟାଗ କରି)

ହେଃ, କିଏ ଜଣାଇବ
ମୋ ମନ କଥା
କେ ପୁଣି କହିବ
କୁଶଳ ମୋ'ର ସ୍ନେହ-ଲତା ।
ମର୍ତ୍ତ୍ୟବାସୀ
ଯାଇ ପାରିବେ ନ ସ୍ୱର୍ଗ ଲୋକ
ସ୍ୱର୍ଗବିଳାସୀ
କେ କାହିଁ ଚାହିଁବେ ମର୍ତ୍ତ୍ୟ ଲୋକ !
ହୁଅ ସାହା ଦେବତା !
ପ୍ରିୟା ପାଶେ ନିଏ ବାରତା !!
(ଉର୍ଦ୍ଧ୍ୱ ଦୃଷ୍ଟିରେ ଚାହିଁ ରହିବା)

Digitized by srujanika@gmail.com

ନେପଥ୍ୟ :—

ଶ୍ଳୋକ

ତସ୍ମିନ୍ନଦ୍ରୌ କତିଚିଦବଳା—ବିପ୍ରଯୁକ୍ତଃ ସକାମୀ
ନୀତ୍ୱା ମାସାନ୍ କନକବଳୟ—ଭ୍ରଂଶ-ରିକ୍ତ ପ୍ରକୋଷ୍ଠ
ଆଷାଢ଼ସ୍ୟ ପ୍ରଥମ ଦିବସେ ମେଘ ମାଶ୍ଳିଷ୍ଟ ସାନୁମ୍
ବପ୍ର-କ୍ରୀଡ଼ା-ପରିଣତ ଗଜ—ପ୍ରେକ୍ଷଣୀୟଂ ଦଦର୍ଶ ।

[ହଠାତ୍ ହେମମାଳୀଙ୍କ ଦୃଷ୍ଟି ଗୋଚର ହୁଏ—
ରାମଗିରିର ନୀଳ ଶୃଙ୍ଗ ସାନୁ ଉପରେ
ନବ ଘନ ମେଘ ମାଳାକାର
ବପ୍ର-କ୍ରୀଡ଼ା]
ହେମମାଳୀଙ୍କ ଶରୀରରେ ପୁଲକ ଖେଳିଯାଏ
ପ୍ରାଣରେ ନୂଆ ନୂଆ ଆଶା ସଂଚରିତ
ହୁଏ । ସେ କଂଚିତ ସବଳ, ଚଂଚଳ
ଦେଖାଯା'ନ୍ତି । ତର ତର ହୋଇ
ଉଠି ପାର୍ଶ୍ୱରେ ଥିବା
କୁଟଜ ପୁଷ୍ପ
ଚୟନ
କରନ୍ତି ॥

ନେପଥ୍ୟ :—

ଶ୍ଳୋକ

ପ୍ରତ୍ୟାସନ୍ନେ ନଭସି ଦୟିତା—ଜୀବିତାଲମ୍ବନାର୍ଥୀ
ଜୀମୂତେନ ସ୍ୱକୁଶଳମୟୀଂ ହାରୟିଷ୍ୟନ୍ ପ୍ରବୃତ୍ତମ୍

Digitized by srujanika@gmail.com

ସପ୍ରତ୍ୟଗ୍ରୈଃ କୁଟଜ କୁସୁମୈଃ କଳ୍ପିତାର୍ଘାୟ ତସ୍ମୈ
ପ୍ରୀତଃ ପ୍ରୀତି ପ୍ରମୁଖ ବଚନଂ ସ୍ୱାଗତଂ ବ୍ୟାଜହାର ॥.

[ନେପଥ୍ୟରେ ଶ୍ଳୋକ ଉଚ୍ଚାରିତ ହେବା ବେଳେ
ମେଘ ପ୍ରଚ୍ଛନ୍ନ ଭାବରେ
ଆବର୍ତ୍ତିତ ହୁଅନ୍ତି ।]

{ ଏଠାରେ ଗୋଟାଏ ମେଘ କିଂବା ଚାରିଗୋଟି ମେଘ—
ଆବର୍ତ୍ତକ, ସଂବର୍ତ୍ତକ, ଦ୍ରୋଣ ଓ ପୁଷ୍କର
ରୂପାୟିତ କରାଯାଇ ପାରେ । }

[**ମେଘ**, ସୁନ୍ଦର, ସବଳକାୟ । ସୁଗଠିତ ନୀଳବର୍ଣ୍ଣ ଶରୀର ।
ସର୍ବାଙ୍ଗରେ ପୂର୍ଣ୍ଣ ଯୌବନର ସୌଷ୍ଠବତା
ଉଦ୍ଭାସିତ । ମସ୍ତକରେ ରତ୍ନଖଚିତ ସ୍ୱର୍ଣ୍ଣ ମୁକୁଟ !
କର୍ଣ୍ଣରେ କୁଣ୍ଡଳ; ଗଳଦେଶ ଓ ବକ୍ଷଦେଶରେ
ବିଦ୍ୟୁଲ୍ଲତା ସମ ଝଲସିତ ଆଭରଣ;
ବାହୁଦ୍ୱୟରେ କବଚ; ହସ୍ତରେ ବଜ୍ର ;
ନୀଳ ଓ ଶୁକ୍ଳ ବର୍ଣ୍ଣର ପୋଷାକ
ପରିଧାନ କରିଛନ୍ତି । ଇନ୍ଦ୍ରଧନୁ ବର୍ଣ୍ଣର
କଟିମେଖଳା ।
ଗମ୍ଭୀର ଏବଂ ଉଚ୍ଛୃଙ୍ଖଳ ।
ଅଧର ଯୁଗଳରେ
ଲଳିତ ଦରହାସ
ଧୀର, ଗମ୍ଭୀର ରାଜୈଶ୍ୱର୍ଯ୍ୟ ଝଲସିତ ପଦକ୍ଷେପରେ
ପ୍ରସନ୍ନ ହୁଅନ୍ତି ।]

Digitized by srujanika@gmail.com

[ହେମମାଳୀ
କୁଟଜ ପୁଷ୍ପାଞ୍ଜଳି
ହାତରେ ଧରି···ଅର୍ଘ୍ୟସାଜି
ଆନନ୍ଦ ମନରେ···ଆଶାପୂର୍ଣ୍ଣ ପ୍ରାଣରେ
ମେଘ ଦିଗେ ଅଗ୍ରସର ହୋଇ
ତାଙ୍କ ଉଦ୍ଦେଶ୍ୟରେ
ସନମ୍ର ଭାବେ
ସ୍ତୁତି କରନ୍ତି ॥]

ହେମମାଳୀ :— (ମିଶ୍ର ଗୀତ)

ହେ ଜଳଧର,
ବିଶ୍ୱ ବ୍ୟାପକ, ବିଶ୍ୱ ଜନ-ମନୋହର !
ଆଜି ଆଷାଢ଼ର ପ୍ରଥମ ଦିବସେ
ବିରାଜୁଛ ତୁମେ ଫୁଲ୍ଲ ହରଷେ ।
ଘେନ ହେ ଯକ୍ଷ ହେମମାଳୀର
ବନ୍ଦନ, ଅଭିନନ୍ଦନ
ହେ ନବଘନ,
ଚପଳା-ମନ-ମୋହନ !
[ପ୍ରଣାମ କରନ୍ତି]

Digitized by srujanika@gmail.com

ହେମମାଳୀ :—

(ଗୀତ)

ରାଗ—ଚୋଢ଼ ॥ ତାଳ—ଏକ ॥

କାମମୂର୍ତ୍ତି ଧର
ହେ ନବ ଜଳଧର
ନୀଳ କଳେବର ସୁନ୍ଦର ॥ ୧ ॥
ତୁମେ ହେ ନବଘନ
ଜଗତ ମୋହନ
ତୁମ ଦରଶନେ ପ୍ରିୟ—
ସ୍ମରେଁ ପ୍ରିୟା ମିଳନ
କୁଟଜ ପୁଷ୍ପାଞ୍ଜଳି
ଘେନ ହେ ମହାବଳୀ
ମୋର ସପ୍ରୀତ ଜୁହାର ॥ ୧ ॥

[ମେଘ ଚରଣରେ—
ପୁଷ୍ପାଞ୍ଜଳି ଅର୍ପଣ କରି—
ନତଜାନୁ ହୋଇ
ପ୍ରଣାମ କରନ୍ତି]

(ବିପୁଳ ଆନନ୍ଦରେ ମେଘ ଗ୍ରହଣ କରନ୍ତି)

ନେପଥ୍ୟ :—

(ଶ୍ଳୋକ)

ଜାତଂ ବଂଶେ ଭୁବନବିଦିତେ ପୁଷ୍କରାବର୍ତ୍ତକାନାଂ
ଜାନାମି ତ୍ୱାଂ ପ୍ରକୃତିପୁରୁଷଂ କାମରୂପଂ ମଘୋନଃ ।
ତେନାର୍ଥିତ୍ୱଂ ତ୍ୱୟି ବିଧିବଶାଦ୍ ଦୂରବନ୍ଧୁର୍ଗତୋଽହମ୍
ଯାଚଜ୍ଞାମୋଘା ବରମଧିଗୁଣେନାଧମେ ଲବ୍ଧକାମା ॥

Digitized by srujanika@gmail.com

ହେମମାଳି :—

(ଗୀତ)

ରାଗ—ଦରବାର କନଡ଼ା ॥ ତାଳ—ତ୍ରିପୁଟା ॥

ପୁଷ୍କର-ବଂଶ-ଜାତ
ଜଗତ—ବିଖ୍ୟାତ
ଅମର ପତି ବର—
ସେନାପତି ସ୍ୱାଗତ ॥ ୦ ॥

ଆଜି ତ ବିଧିବଶେ ରହିଛୁ ପରଦେଶେ
ପୂରଣ ମିତଣୀର- ଵିରହ ତରସେ
ତୁମେ ହେ ସୁଧୀଜନ
ରସିକ ରଂଜନ
ଶୁଣ ହେ ନିବେଦନ
ତୁମେ ହେ ମହତ ॥ ୧ ॥

ମହତ ଜନ ପାଶେ ମାଗିଲେ କିଛି ତୋଷେ
ବିଫଳ ହେଲେ ସେ ନିଖିଳ ମହତ
ଅଧମ ଜନରେ ହାତ ପସାରିଲେ
ସଫଳ ହେଲେ ହେଲେ ରହେ ନା ଇଜ୍ଜତ ॥ ୨ ॥

ନେପଥ୍ୟେ :—

(ଶ୍ଳୋକ)

୪ ସନ୍ତପ୍ତାନାଂ ତ୍ୱମସି ଶରଣଂ ତତ୍ ପୟୋଦ ପ୍ରିୟାୟାଃ
ସନ୍ଦେଶଂମେ ହର ଧନପତିକ୍ରୋଧ-ବିଶ୍ଲେଷିତସ୍ୟ

Digitized by srujanika@gmail.com

ଗନ୍ତବ୍ୟାତେ ବସତିରଳକା ନାମ ଯକ୍ଷେଶ୍ୱରାଣାମ୍
ବାହ୍ୟୋଦ୍ୟାନ-ସ୍ଥିତ-ହର-ଶିରଶ୍ଚନ୍ଦ୍ରିକା-ଧୌତ ହର୍ମ୍ୟା ॥

ହେମମାଳୀ :—

(ଗୀତ)

ରାଗ—ଅସାବେରୀ ॥ **ତାଳ—ଆଦ୍ୱ ॥**
(ଚତୁରସ୍ର ଚେଷ୍ଟ)

ହେ ଜଳଧର
ଗଗନ-ବିହାର
ମନ-ମତ-ରୂପ-ଧାର ॥ ୦ ॥
ପ୍ରଭୁ ଅଭିଶାପେ
ପ୍ରିୟା ବିରହ ତାପେ
ବରଷକ ବନବାସ
ଭୋଗଇ ଶୀତ ଆତପେ
ହେ ତାପିତ-ଶରଣ
ଏଥ ବାରତା ବହନ
ହିମାଚଳ ଅଂଚଳେ
ମୋର ପ୍ରିୟ-ଆଳି ॥ ୨ ॥

[**ହେମମାଳୀ ଓ ମେଘ ଉଭୟେ** ନୃତ୍ୟ କରନ୍ତି ।]

Digitized by srujanika@gmail.com

ହେମମାଳୀ :—

(ଗୀତ)

ରାଗ—କଲ୍ୟାଣୀ ॥ ତାଳ—ରୂପକ ॥

ଅଳକାପୁରେ...
ମୋର ମନ୍ଦିରେ...
ଶଂଖ କମଳ ଶୋଭଇ ଦୁଆରେ
ସେହି ପୁରେ ସଖା,
ପାଇବ ହେ ଦେଖା
ବିରହିଣୀ ବାଳା, ମୋର ପ୍ରିୟାରେ
ଅଳିଅଳି ସେହି ବାଳା
କେତେ କାଉଳା ବାଉଳା
ସାଉଁଳାଇ
ପଦେ କହି
ଅଶ୍ରୁ ଝରିବ ତାରେ ॥ ୧ ॥

[ଅଶ୍ରୁସିକ୍ତ ନୟନରେ...
ବିଗୀତ ଜୁହାର କରନ୍ତି ।]

(ମେଘ ଅଭୟ ବରଦ ହସ୍ତରେ ଦଣ୍ଡାୟମାନ ।)

[ଯକ୍ଷ ହେମମାଳୀ...ବିପୁଳ ଆଶାନ୍ୱିତ ହୋଇ
ଗଦ୍‌ଗଦ କଣ୍ଠରେ ପୁଣି
ନିବେଦନ କରନ୍ତି]

Digitized by srujanika@gmail.com

(ଗଦ୍ୟ)

ହେମମାଳୀ :—

ନୀରବ ସିନା ହେ ତୁମେ ଜଳଧର'
ବିଶ୍ୱାସ ମୋର ଅଛି ଅମର !
ପିଆସୀ ଚାତକେ ଦଅ ଯେବେ ଜଳ
ସଫଳ ହେବ ମୋ' ଆଶା ସକଳ ।
ଦେଖିଣ ମୋହର ଦୁଃଖ ଯାତନା
ନିସ୍ୱନ ମୂକ ତୁମେ ମହାମନା ।
ମଧୁର ମଧୁର ତୁମ ଶାନ୍ତ୍ୱନା
ଆତୁର ଜାତର ସମ·ବେଦନା
ଏହି ବାଜେ ମୋର କାନେ କାନେ
ମୁଁ ଜାଣେ···ମୋର ମନ ଜାଣେ !
ଏହି ତ କହୁଛ ପୁଣି···
କଣ୍ଠ ତୁମର ମାରଇ ଖିନ୍ନ
[**ମେଘ ମୁଦ୍ରାଭିନୟ କରିବା**]
" ଥୟ ଧର ତୁମେ ବନ୍ଧୁ
ଯୌବନର ପ୍ରଥମ ବରଷ
ଅଚଳ ଉଚଳା ସିନ୍ଧୁ । "
କହୁଛ ହେ ସତ ନ ରଖି ମାୟା
ମୋ ଜୀବନ ଦୀପ ଚଳର ଛାୟା
ଝୁରି ଝୁରି ଚକ୍ରବାକୀ ପରିଏ
ଶିଶିରେ ନଳିନୀ ଯେପରି ଥାଏ;

Digitized by srujanika@gmail.com

ଝୁରି ପଡ଼ୁଥିବ ମୋର ଶ୍ରୀମନ୍ତ
ଫିକା ଦିଶୁଥିବ ସେ ରୂପବନ୍ତ
ବୁଝି ବାଟ ଏବେ ଦିଶୁନାହିଁ
ଯାଅ ସଖା ଯାଅ ମୋହର ପାଇଁ !"

ହେମମାଳୀ :— (ସକାତରେ)

(ଗୀତ)

ରାଗ—ଶ୍ରୀ ରଂଜନୀ ॥ ତାଳ—ଆଦ୍ୟ ॥

ହେ ମହମାସୁ
ଯାଅ ହେ ଦୟା ବନ୍ଧୁ
ନ ଯେନ ମାଙ୍ଗଣ ମନେ
ଥରକୁ ଥର କହଇ ॥ ୦ ॥
କାଳେ ହେଲେ ଥିବେ ଶୋଇ ହୃଦରେ ସ୍ମୃତି ତନ୍ଦ୍ରାଇ
ସପନରେ ହେଲେ ମୋର ମିଳନ ଲଭିବା ପାଇଁ
ଝରକା ପାଶେ ରହି
ଚମକ ଝମକ ନାହିଁ !
ଶୀତ ପବନ ପଠାଇ··· ସତ୍ୱରେ ଦେବ ଉଠାଇ ॥ ୧ ॥
କହିବ ହେ ମୋର ହାଲ ପଚାରିବ କୁଶଳ
ଥାପି ଥାପି ଥଇର ଆଣିବ ହେ ଖବର
ତୁମ ଆଜି ବିଜୁଳିର
କ୍ଷଣେ ହେଲେ ତୁମର
ନ ହେଉ କେବେ ବିରହ— ରହ ଏକା ସାଥି ହୋଇ ॥ ୨ ॥

Digitized by srujanika@gmail.com

[ମେଘର ମୁଖ ପ୍ରସନ୍ନ ହୁଏ—
ଅଧର ପ୍ରାନ୍ତରେ ମୃଦୁ ମଂଜୁଳ
ଦରହାସ ଫୁଟି ଉଠେ]

ହେମମାଳୀ :— (ଉତ୍ଫୁଲ୍ଲିତ ହୋଇ)

(ଗଦ୍ୟ)

ହେ, ଅସହାୟର ସହାୟ
ନ ହେଉ ମୋ କଥା ଅନ୍ତରାୟ ।
ବିଶାଳାକ୍ଷୀ ମୋର ପ୍ରାଣ ମିତଣୀ
ଏକା ଜଗିଥିବ ଦିବା ରଜନୀ
ଚାହିଁ ବସିଥିବ ସେହି ଲଗନ
କେବେ ହେବ ସେହି ମଧୁ-ମିଳନ !
କହିବ ତା'ରେ......
ତୁମ ପ୍ରିୟତମ କହନ୍ତି ବାରେ ;
ଚାରି ମାସ ଆଜି ଅବଶେଷ
ପରାଧୀନତାର ଦିବସ ଶେଷ
ଛିଣ୍ଡାଇ ଅଭିଶାପ ଶିକଳା
ମିଶିବ ଶୁଭ୍ର ଶରତ ନିଶିରେ—
ଅଳକାରେ ମୋର ଚନ୍ଦ୍ରକଳା !
ଝରି ପଡ଼ୁଥିବ ଚନ୍ଦ୍ରମା
ସଜାଇ ଦେବ ସେ ପୁଷ୍ପ-ବେଣୀ !
[ମେଘ ଅଦୃଶ୍ୟ ହେବା]

Digitized by srujanika@gmail.com

ନେପଥ୍ୟ :—

(ଶ୍ଳୋକ)

ତ୍ୱାମାରୂଢ଼ଂ ପବନପଦବୀମୁଦ୍‌ଗୃହୀତାଳକାନ୍ତାଃ
ପ୍ରେକ୍ଷିଷ୍ୟନ୍ତେ ପଥିକବନିତାଃ ପ୍ରତ୍ୟୟାଦାଶ୍ୱସନ୍ତ୍ୟଃ
କଃ ସନ୍ନଦ୍ଧେ ବିରହବିଧୁରାଂ ତ୍ୱୟ୍ୟୁପେକ୍ଷେତ ଜାୟାଂ
ନ ସ୍ୟାଦନ୍ୟୋଽପ୍ୟହମିବ ଜନୋ ଯଃ ପରାଧୀନ ବୃତ୍ତିଃ ॥

ହେମମାଳୀ :—

(ଗଦ୍ୟ)

ଦେଖିଲେ ତୁମକୁ ହେ ନବଘନ
ପରାଧୀନ ବିନା ମୁହିଁ ପରି କେଉଁ ଅନ୍ୟ ଜନ ?
ପ୍ରେୟସୀର ଶୁଭ ଜାଣିବା ପାଇଁ
ଚାହିଁଥିବ ତୁମ ଆସିବା ପାଇଁ ।

ନେପଥ୍ୟ :—

(ଶ୍ଳୋକ)

ମନ୍ଦଂ ମନ୍ଦଂ ନୁଦତି ପବନଶ୍ଚାନୁକୂଲୋ ଯଥା ତ୍ୱାଂ
ବାମଶ୍ଚାୟଂ ନଦତି ମଧୁରଂ ଚାତକସ୍ତେ ସଗର୍ବଃ ।
ଗର୍ଭାଧାନ—କ୍ଷଣପରିଚୟା ନ୍ନୂନମାବଦ୍ଧମାଳାଃ
ସେବିଷ୍ୟନ୍ତେ ନୟନ ସୁଭଗଂ ଖେ ଭବନ୍ତଂ ବଳାକାଃ ॥

Digitized by srujanika@gmail.com

ହେମମାଳୀ :—

(ଗଦ୍ୟ)

ସଙ୍ଗୀତ

ତୁମକୁ କାନ୍ଧେଇ ନେବ ନବଘନ
ଏବେତ ବହଇ ଶୀତଳ ପବନ !

ମେଘ ଅଭୟ ହସ୍ତରେ କ୍ରୀଡ଼ା ହୁଅନ୍ତି ।

ନେପଥ୍ୟରୁ ଶୁଭେ

(ଗୀତ) 'ବହେ ଶୀତଳ ପବନ ଧୀରେ' !

ମେଘ ନୃତ୍ୟ ଛନ୍ଦରେ ଗମନ କରନ୍ତି
ହେମମାଳୀ
ସଦାପୁ ସଂବର୍ଦ୍ଧନା
ଜଣାଅନ୍ତି ।

ପଟ ପରିବର୍ତ୍ତନ ॥

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

– ଦୃଶ୍ୟ :

ଅନନ୍ତ ଆକାଶ ॥

ଦୂରେ ନୀଳବର୍ଣ୍ଣ ଗିରିଶୃଙ୍ଗ ମାନଙ୍କୁ

ଦେଖାଯାଏ ।

ଶୂନ୍ୟ ଗଗନ ପଥ ।

କାଳ :

ଅପରାହ୍ନ ॥

ନେପଥ୍ୟ :—

(ଗୀତ)

ରାଗ – ସିଂହେନ୍ଦ୍ରମଧ୍ୟମ ॥ ତାଳ – ଝମ୍ପା ॥

ବହେ ଶୀତଳ ପବନ ଧୀରେ (ଧୀରେ ଧୀରେ)

ଘୁରେ ଜଳଦ, ଝଡ଼ୁଛିରେ ॥ ୧ ॥

[ଦର୍ଶନୋତ୍ଫୁଲ୍ଲିତ ମେଘ…

ଧୀର ଗମ୍ଭୀର ଲଯିତ ପଦକ୍ଷେପରେ

ଆବର୍ତ୍ତିତ ହୁଅନ୍ତି]

ଛାଇ ଛାଇ ଅନ୍ଧାର ଦଶେ ।

(ଗଗନ ମାର୍ଗରେ ଦେଖାଯାନ୍ତି…

ଶୁଭ୍ର ବକ ମାଳମା)

{ ଗାନ ପୁନରାବୃତ୍ତି ହୁଏ—

ଗାନ ଅବଲମ୍ବନରେ

ମେଘ

ନୃତ୍ୟ କରନ୍ତି । }

Digitized by srujanika@gmail.com

(ଗୀତ)

ବହେ ଶୀତଳ ପବନ ଧୀରେ-
ଝୁଲେ ଜଳଦ ଝମ୍ପୁ-ଝରେ ॥ ୦ ॥
ବକ ମାଳକା···ଗଗନ ପଥେ
ଯାଏ ଗୁଚ୍ଛକ···ଅନ୍ଧ ଉପରେ
ମାନ୍ଦ୍ର ଗଢଣା
କାନ୍ତ ମନାସେ···
ରସ ମାନସ ମାନସୀରେ ॥ ୧ ॥

(ଶବ୍ଦ ଅବଲମ୍ବନରେ ମେଘ ନୃତ୍ୟ କରନ୍ତି)

(ସାଜ) ଝଲକ··· ଝଲକ···

[ଝଲକ ଆଲୋକ ରେଖା ଯାଉ ଦ୍ରୁଏ···
ମେଘ ର ଚକ୍ଷୁରେ
ସ୍ଫୁରଣ ଜାଗିଉଠେ]

(ସାଜ) ଝଲକି ଝଲକ ଝଳ ଚମକା ଚଂଚଳ

(ଅନିନ୍ଦ୍ୟ ସୁନ୍ଦରୀ···ଅପରୂପ ରୂପବତୀ ··
ବିଜୁଳୀ ବାଳା···
ଦମ୍ଭି ଦମ୍ଭି ଲାସ୍ୟ ବିଳମ୍ବିତ ପଦକ୍ଷେପରେ
ପ୍ରବେଶ କରନ୍ତି ।
ମେଘର ସର୍ବାଙ୍ଗ ଶିହରିତ ହୋଇ ଉଠେ
ଦୁଇ ହସ୍ତ ପ୍ରସାର କରି
ବିଜୁଳୀ ହାତେ ଅଗ୍ରସର ହୁଅନ୍ତି]

Digitized by srujanika@gmail.com

(ଗୀତ) ଚମକ ଚମକ ଖେଳେ ଜଳଧର କୋଳେ ।

(ମେଘ ବିଜୁଳୀର ଦୁଇହାତ ଧରି
ନିଜ ବକ୍ଷ ଉପରକୁ ଟାଣି ଆଣନ୍ତି)

ମନ୍ଦ ଗତି (ଝଲକ ଝଲକ ଛୁଟେ ଚପଳା ଚଂଚଳେ

ତାଳ

ଚତୁରଶ୍ର ଗତି (ଚମକ ଚମକ ଖେଳେ ଜଳଧର କୋଳେ

(ଉଭୟେ ଧୀରେ ଲାସ୍ୟ ନୃତ୍ୟ କରନ୍ତି)

ଚଂଚଳଗତି (ଝଲକ ଝଲକ ଛୁଟେ ଚପଳା ଚଂଚଳେ
(ଚମକ ଚମକ ଖେଳେ ଜଳଧର କୋଳେ

(ଚଂଚଳଗତିରେ ମେଘ ଓ ବିଜୁଳୀ
ମଣ୍ଡ ଉପରେ ମିଳିତ ନୃତ୍ୟ
କରନ୍ତି ।
ପଲକ ମାତ୍ରେ
ବିଜୁଳୀ
ମେଘର ବାହୁ ବନ୍ଧନରୁ
ଅପସୃତ
ହୋଇ
ଅଦୃଶ୍ୟ ହୁଅନ୍ତି)

[ମେଘ ଉଦ୍‌ଭ୍ରାନ୍ତ ହୋଇ...
ବିଜୁଳୀର ଅନୁଧାବନ କରନ୍ତି...
ପୁଣି...
ବିଜୁଳୀ କୁ ଧରନ୍ତି ,

Digitized by srujanika@gmail.com

ଗୀତ
ତାଳ
ଝଂପା ॥

ମେଘ ଜଳଦ ... ବାଣ ବରଷେ
ଗରଜେ ଘନ ଘୋରେ ॥ ୨ ॥

ବିଜୁଳି ବାରଂବାର ଚମକି ଉଠନ୍ତି
ମେଘ ଛୁଟାଇ ଛୁଟାଇ ଗରଜି ଉଠନ୍ତି
ଜଳଧରଙ୍କ ଉଦ୍ଭ୍ରାନ୍ତ
ଉନ୍ମତ୍ତ ନୃତ୍ୟ ଛନ୍ଦରେ
ବାରି
ବର୍ଷଣ ହୁଏ ।

[ପଟ ପରିବର୍ତ୍ତନ]

Digitized by srujanika@gmail.com

ତୃତୀୟ ଦୃଶ୍ୟ

ନେପଥ୍ୟ :—

(ଶ୍ଳୋକ)

ତ୍ୱଯ୍ୟାୟତ୍ତଂ କୃଷିଫଳମିତି ଭ୍ରୂବିଳାସାନଭିଜ୍ଞୈଃ
ପ୍ରୀତିସ୍ନିଗ୍‌ଧୈର୍ଜନପଦ ବଧୂଲୋଚନୈଃ ପୀୟମାନଃ
ସଦ୍ୟଃ ସୀରୋତ୍କଷଣ-ସୁରଭି କ୍ଷେତ୍ରମାରୁହ୍ୟ ମାଳଂ
କିଞ୍ଚିତ୍ ପଶ୍ଚାଦ୍ ବ୍ରଜ ଲଘୁଗତି ର୍ଭୂୟ ଏବୋତ୍ତରେଣ ॥

———

[ଶ୍ଳୋକ ଶେଷରେ ଦେଖାଯାଏ]

ଦୃଶ୍ୟ :

ବନମାଳ ।

କାଳ :

ଦ ବ ସ ॥

{ ନିମ୍ନଲିଖିତ ଗୀତ ଅବଲମ୍ବନରେ···
ନୃତ୍ୟ ପରିକଳ୍ପନା କରାଯାଏ ।
ଜଳ, ଜଳଦ, ବୃକ୍ଷ, ଲୁଆ, ବେଙ୍ଗସା
ଚଷାପୁଅ···ଘନ
ତା'ର ସ୍ତ୍ରୀ···ଗେଲ }

Digitized by srujanika@gmail.com

(ଗୀତ)

ପଲ୍ଲୀ ସ୍ୱର ।

ତାଳ—ଏକ ॥

ନେପଥ୍ୟରୁ ଶୁଭେ ··· ଏ—ଏ—ଏ ଶବ୍ଦ ।

(ଗୋରୁଙ୍କୁ ରଖା ଅଡ଼ାଉଛନ୍ତି)

(ଗୀତ)

ଏ···ଏ···ଏ···ବୋଲି
ରଖାପୁଅ ଡକାଣ ।
ଚଲ ବଳଦ ଧଉ
ଘୁଷ କରି କାଆଁଛି
ଲଂଗଳ ମୁନରେ
ମାଆଁବ ମାଟି ମାଟି···
ସୁଲେ ଖୁସିରେ
ଝଗ ଚରଚେ
ବଡ ଧୂମାର ନ କରି···
ଘୁଷ କରେ କାଆଁ······॥ ୧ ॥

ବୋ' ଉତ୍ତ ଘୁଷ ଘଇଳା··· ··
ଗଳ ଫିଟାଇ ଦଳ
ହୁଡ଼ାରେ ଭସିବ ।
ଉଡ ଦେ କପାଳ
ଟପ ଟପ ଝାଳ

Digitized by srujanika@gmail.com

ବେଢ଼ଣରେ କେତେ ମାଣ ପୋଛିଲା···
ଭଲ କଥାଟି ଆଢ଼େ ଅନାଇ ଦେଲା ।
ମାଟି କେଉ କେଶ
ଛାଉ ଭଲ କଥାଣ
ଚାଟିରେ ହସ ଫୁଟିଲା ··· ···
ଧାନ ରଳ ରଳା, ଅଖିରେ ନାଚିଲା ॥ ୨ ॥

ଝୁମୁରୁ ଝୁମୁରୁ
ଚାହୁଡ଼ି ବଜାଇ
ଝଲମଲ ଝୁଲି—
ଝୁଲି ଝୁମି ହଲାଇ
ଯୋଛଣା ପଥାରେ
ପାଣି–ଡାଳ ହାତରେ
ଛଇଲ ଗୁଲାଇ
କାଆଁ ହାତ ହଲାଇ

ଦୂରରୁ 'ଘନ' ଦେଖି ହସଇ······
ଭାହାର ସ୍ମୃତି ଜଣ୍ଡ···
ଦେଖ୍ରି ମାରଇ ॥ ୩ ॥

ଆସଇ ଛଇଲ
ଆଖିର କ ଟେଲ,
ନୂଆ ବହୁ 'ରେଲ'
ଲାଜ ଲାଜ କରି

ପାଟି ଚିପି ଚିପି ହସଇ······
ଯୋଛଣା, ପାଣି, ଛକେ ଶୋଭ ।

Digitized by srujanika@gmail.com

ଆଖି ଥନ ଥନ କରଇ ······
ଜହ୍ନର ଦେଖ ବୋଲି କହଇ ।
"ତୋତେ ଦେଖି ମୋର
କ କାଳ, କ ବେଳ
କଟୁ ତ ଜଣା ନ ପଡ଼ଇ"······
'ଘଣ୍ଟା' ବସି ଗଣି ଯାପଇ ॥ ୪ ॥

ମୁରୁକ ମୁରୁକ
ଚମକ ଚମକ
ଢଏ 'ଗେଲ' ପାଣି ବଢ଼ାଇ······
ଘନ ହାତ ପାଦ ଧୋଇ ॥ ୫ ॥
ହ୍ୱଡ଼ ଉପରେ ବସି
ଓଢେ ଗପ ଖୁସି
'ଗେଲ' ଘୋଷଣା ବାଡ଼ି ଦେଇ···
ବସଇ ମୁହ ଶୁଖାଇ ;
ଘନର ଗୁଣ୍ଡରେ
ପଡ଼ଇ ପଥର
କସ କସ ହେଲା ଭେ
ଓଠରେ ଥର ଥର
ହାତରେ ଖାତ ଗୁଣ୍ଡା···ଆଖି ଡବଟଇ
କଏ କସ ବୋଇଲା, କହ ବୋଲଇ ॥ ୬ ।

ଯେମିତ କହୁ'ନାଇ
ଶୁଣ କହୁଛି ଏଇ
ଭଲ ତ ଲାଗୁନାଇ
ପଢ଼ ପଢ଼ିବା ନାଇ

Digitized by srujanika@gmail.com

ବାଡ଼ର ପିଚା କଲରେଇ······
ଗଣ୍ଡିଣ ଆଣିଛୁ ଏଇ······
ସତେ କ ଚୋପ ଆସଇ······
ମୁହଁ ନୁଆଁଇ ବସଇ ॥ ୭ ॥

ଡପି ଡପି, ଘନ
ଟେକ 'ଗେଲ' ବଦନ
"ଏଥି କ ରେ, ମୋ ଧନ
ଏତେ ସାନ ମନ
ଭୁଲ୍ଲ ତ ମୋର ସଂଗାଳ······
ମୋ ଗଳା କାଇଁଚ ମାଳ" ॥ ୮ ॥
ଲଜ-କୁଳ-ଲତା
ଗେଲେଇ ଗେଲେଇ
ଧୁଢେଁ ଗାଲ ଫୁଲେଇ
କଣେଇ କଣେଇ ॥ ୯ ॥

ଗୁଣ୍ଡାଏ ଘଡ ଧରି
ଖାଅ, ଖାଅ ମୋ 'ଗେଲ୍'
ଆଦର କେତେ କଲ
ଯାଚଇ 'ଘନ' ଠାରୁ
'ଗେଲ୍' ତଏ ମୁହ ବଙ୍କାଇ······
ମନ ଥାଇ କ ନାଇ କରଇ ॥
ବାଛୁ ଝଁଣ ଝଁଣ
ମୁହଁ ଫଣ ଫଣ

Digitized by srujanika@gmail.com

ଆଖି ଜନ ଜର୍ନ
ଦେଖି ଦେଖି ଘନ
ଟାଣ ଟାଣ ଗୁଣ୍ଡା ଗିଳଇ
କଲଗ୍ଲ କେତେ ମିଠା କହଇ ॥ ୧୦ ॥
ଘନ ଖାଇ ପିଇ
ହାତ ତୁଣ୍ଡ ଧୋଇ
ଢଏ ଗେଲ ପଣତ ବଢ଼ାଇ……
ଫୁଲ ଫୁଲ ଘନ ଫାଟି ପୋଚ୍ଛଇ ॥ ୧୧ ॥
ଅଇଁଠା ଉଠାଇ
ଝଂପା ବାନ୍ଧ ଦେଇ
'ଘନ' ଆଡେ଼ ଗୁଣ୍ଟି
ପାଉଛି ବୋଲାକଳ୍ପ
ଦେଖଇ ଭୂଇଁ ଗୁଇ ଗୁଇ
ଉପରକୁ ଢଏ ଅନାଇଁ ॥ ୧୨ ॥

[ମେଘ ପ୍ରବେଶ କରନ୍ତି]

ଆଂଟେ ମେଘ ଧୂମେଇ
କଳା ହାଣ୍ଡି ଝୁଲଇ
ମେଘକୁ 'ଘନ' ଗୁଣ୍ଟି
ଢହ ମନ ନଜୁଇ
ଚଳେ ଆଣ୍ଟୁ ଥୋଇ, କହଇ…
ଆହେ ଚଷାର ଢଅଁ, ନମଇ
ଜକଡ଼ା ମାସ ଆସି ଧରଇ……
ଇନ୍ଦ୍ର ଦେବତା ଦେଇଲ ପଠାଇ……
ଅଜାଡ଼ ଢଅ ପାଣି
ଘେନ ଆମ ମାଗୁଣି

Digitized by srujanika@gmail.com

ଭ୍ରମର ଲାଗି ସିନା···
ମିଳେ ଦାନା ପାଣି
ଭ୍ରମକୁ ଦେଖିଲେ ଛଟା ଶୃଙ୍ଗାଣୀ
ଦାଣ୍ଡରେ ଠିଆ ଭ୍ରୂଆସୁଣୀ··· ॥ ୧୩ ॥
ମେଘ ଉଠିଆଣି
ଅଜାଡ଼ ଢ଼ାଏ ପାଣି
ଷୋଡ଼ଳ ଅସର କ,
ଆଠ ଦୁମୂଆଣି
ଚଷା ଅଷ୍ଟା ଉଡ଼ାଇଲେଣି·······
କାଦ ବେଉସା କଲେଣି······
କଆରରେ କାଦ ପାଣି
ଥୋଇଲେ ଚଳ ଧର ଆଣି··· ॥ ୧ ॥
ଦଳ ଦଳ ହୋଇ
ପଲବାଳା ଯାଇ
ଧାନ ଚଳ ନେଇ
କଆରରେ ଗେଇ
ଚୁଆ ବେଉସା ସରଇ·······
ବଲରେ ଧାନ ଗଛ ହସଇ··· ॥ ୧୬ ॥
ପଲା ଯୁବ ଯୁବା
ବୋଲନ୍ତ ବାହାବା
ନାଚ ନାଚ ଗୀତ ଗୁଡ଼
ସରଧାରେ ଗଲେ ବାହୁଡ଼ ॥ ୧୭ ॥

[ନୃତ୍ୟ ଛନ୍ଦରେ ମେଘ···ଚଷାପୁଅ ଓ ଚଷା ଝିଅ ଗଣ ନିଷ୍କ୍ରାନ୍ତ]

[ପଞ୍ଚ ପରିବର୍ତ୍ତନ]

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

ଦୃଶ୍ୟ :

କୈଳାସ ପର୍ବତର ଅଂକଦେଶରେ
ଅବସ୍ଥିତ-ଅଳକାନଗରୀରେ
ଯକ୍ଷ ହେମମାଳୀର ଅନ୍ତଃପୁର-
ସଂଲଗ୍ନ

ପ୍ରମୋଦ ଉଦ୍ୟାନ ।

ଉପବନ ନାନାବିଧ ବୃକ୍ଷ ଲତିକାର
ନିକୁଞ୍ଜରେ ପରିଶୋଭିତ, ନାନା ବିଧ
ପୁଷ୍ପ ପ୍ରସ୍ଫୁଟିତ ।
ଉପବନ ଭିତରେ
ସରସୀ ।
କମଳ ଓ କୁମୁଦ ପୁଷ୍ପର ଶୋଭାରେ
ଝଲସିତ । ସରସୀର ବକ୍ଷ ଦେଶରେ
ଖେଳଯା'ନ୍ତି
ରାଜହଂସ ମାଳିକା ।
ସରସୀର
ଘାଟରେ
ମରକତ ଶିଳା ସୋପାନ ଶ୍ରେଣୀ
ବିରାଜିତ ।

କାଳ :
ସଂଧ୍ୟା

ଆକାଶ ପାଣ୍ଡୁର ବର୍ଣ୍ଣ ।
ପଶ୍ଚିମ ଗଗନରେ କିନ୍ତୁ
କିଂଚିତ୍ ଲୋହିତ ଏବଂ
ପୀତ ବର୍ଣ୍ଣ ଦେଖାଯାଏ ।

କମଳିନୀ

ସଂକୁଚିତ ।

କୁମୁଦିନୀ

ଦରହସିତ ।
ସଂଜ ସମୀରଣରେ
ବୃକ୍ଷ ଲତିକାର ଶାଖା
ଦୋହଲୁ ଥାନ୍ତି ।
ପକ୍ଷୀ ଜାତିର
କଳରବ
ଶୁଭେ ।
ଭ୍ରମରର
ଅସ୍ପଷ୍ଟ
ଗୁଣୁ ଗୁଣୁ
ସ୍ୱର ।

Digitized by srujanika@gmail.com

ସଉଷୀ ଘାଟର ମରକତ ସୋପାନରେ
ହେମମାଳୀଙ୍କ ପତ୍ନୀ ବିଶାଳାକ୍ଷୀ
ଏକାକନୀ ଆବାକାବା ହୋଇ
ବକ୍ଷଦେଶରେ ହାତ ଦେଇ
ଉଦାସ ପ୍ରାଣରେ ବସିଛନ୍ତି ।
ଅସଂଯତ କେଶ ପାଶ ।
ଅଚଳନ୍ତ ଆଖି,
ପାଣ୍ଡୁର
ଦେଖାଯାନ୍ତି ।

ଇତ୍ୟବସରରେ ବିଶାଳାକ୍ଷୀଙ୍କ କଣ୍ଠସ୍ୱ
ସହଚରୀ ସେଠାରେ ପ୍ରବେଶ କରି
ବିଶାଳାକ୍ଷୀଙ୍କ ପାଶରେ
ଉପବେଶନ କରନ୍ତି । ବିଶାଳାକ୍ଷୀଙ୍କ
ଦୁଃଖରେ ଦୁଃଖିତ ହୁଅନ୍ତି ।
ବିଶାଳାକ୍ଷୀଙ୍କୁ ସମବେଦନା
ଜଣାଇ ଶାନ୍ତ୍ୱନା ଦେବା
ଉଦ୍ଦେଶ୍ୟରେ

୧ମ ସହଚରୀ··· [ବିଶାଳାକ୍ଷୀଙ୍କ କେଶପାଶ ସାଉଁଳାଇ
ବେଣୀ ଧରି]

ଆସ ଗୋ ନବଘନ ସଜନ
ବାନ୍ଧ ଦିଏ ଫୁଲ ବେଣି

Digitized by srujanika@gmail.com

ଚୂନା ଚୂନା ତୋର ମାଳ କୁନ୍ତଳ
ଦେଉଛି ଗାଲକୁ ଭିଣି ॥

[ବିଶାଳାକ୍ଷୀ ମନା କରି···
ସହଚରୀଙ୍କ ହାତ
ନିଜ ବେଣୀ ଉପରୁ ଉଠାଇ ନିଅନ୍ତି;
ଦୁଃଖରେ ତାଙ୍କ ଆଖି
ଛଳ ଛଳ ହୁଏ ।

୨ୟ ସହଚରୀ··· ଏଇ କଇଁ ଫୁଲ ଫୁଟିଲା
କାହାର ପୁଲକ ପରଶ ବାଜି···
ଫୁଲି ଫୁଲି ହସିଲା ।
(କଳି କଳି ହସିବା)

ବିଶାଳାକ୍ଷୀ :—[ଦୁଃଖଭରା ଭଂଗା ପରାଣରେ]

(ଗୀତ)

ରାଗ—ଝିଞ୍ଜୋଟି ॥ ତାଳ—ମିଶ୍ରଗତି ॥

ହସ ନା, ହସାଅ ନା
ହସି ହସି ଆଉ କନ୍ଦାଅ ନା ॥ ୦ ॥
ଏହି ଫୁଲ ହସେ ପବନ ପରଶେ
ଆକାଶେ ଆକାଶେ ନବରଙ୍ଗ ଭାସେ
ଅଳକାର ଶିରି
ଲାଗେ ହତଶିରି
କିଛୁ ତ ଭଲ ଲାଗେ ନା ॥ ୧ ॥

Digitized by srujanika@gmail.com

କହୁଥିଲେ କେତେ ମନ-ମିଶା କଥା
ମନ-ମଲ୍ଲିକ ଗେଲ ଗେଲ ଲଥା
ସେ କ ଧୂଆଁଗ···
ମଧୁର ମମତା
ଯାର ଏବେ ମନ ପିନ୍ଧ ॥ ୨ ॥
କପଣ ଥିବେ ସେ ଦୂର ପରଦେଶ
ମୋ କଥା ମନାସେ କେତେ କାନ୍ଦବେ ସେ
ଦିନରେ ଅନ୍ଧାର
ରାତରେ ଜାଗର
ମୋର ପାଇଁ ପିନ୍ଧ ପାତନା ॥ ୩ ॥
ଆଖିରୁ ଅଶ୍ରୁଧାର ଗଡ଼ିବା···ସହଚରୀର କାନ୍ଧ ଉପରେ
ନଇଁ ପଡ଼ିବା—
ସହଚରୀ ଶାନ୍ତ୍ୱନା ଦେବା—ପରେ ମୁହଁ ଉଠାଇ-
ବବ୍ରତ ହୋଇ **ବିଶାଳାକ୍ଷୀ**
ଉପବନ ଭିତରକୁ ଚାଲିଯିବା-
ସହଚରୀ ଗଣ ସାଥିରେ ସାଥିରେ ଯିବା]

ବିଶାଳାକ୍ଷୀ :— (କୁସୁମିତ ମାଧବୀ ଲତା ତଳେ ବସି)
(ସାକ) :— ଫୁଲବନେ ଫୁଲ ଫୁଟନା
ମୁରୁକ ମୁରୁକ ମଧୁ ମାଧବୀ ପରିହାସ କରନା
ଫୁଲେ ଫୁଲେ ଅଳି, ଅଳି କରନା
ଗୁଣୁ ଗୁଣୁ ଗାଇ ବାଇ ବାଇ କରନା-
(ଗୀତ) :— ଶୁଣି ଯା' ଗୋ ସନ୍ତ ବକଲେ ଠିଆ ହୋଇ
ମୋ ମନ ମୋହନ
କହନ୍ତ କସ କସ ନା ॥ ୪ ॥

Digitized by srujanika@gmail.com

[ବିଶାଳାକ୍ଷୀଙ୍କ
ଆଖିରେ ଲୁହଧାର…
ପାଉଳଣ୍ଡ ପରି ହସି ହସି…
ସେଠାରୁ ଚାଲିଯା'ନ୍ତି ।;
ସହଚରୀଗଣ
ଦୁଃଖିତ ମନରେ
ଚୁ-ଚୁ-ଶବ୍ଦ କରି
ବିଶାଳାକ୍ଷୀଙ୍କ
ପଛେ ପଛେ ଚାଲିଯା'ନ୍ତି]

[ପଞ୍ଚ ପରିବର୍ତ୍ତନ]

Digitized by srujanika@gmail.com

ପଞ୍ଚମ ଦୃଶ୍ୟ

ନେପଥ୍ୟ :—

(ଶ୍ଳୋକ)

ଛନ୍ନୋପାନ୍ତଃ ପରିଣତଫଳ-ଦ୍ୟୋତିଭିଃ କାନନାମ୍ରୈଃ
ତ୍ୱଯ୍ୟାରୂଢ଼େ ଶିଖର-ମଚଳଃ ସ୍ନିଗ୍ଧବେଣୀସବର୍ଣ୍ଣେ ।
ନୂନଂ ଯାସ୍ୟତ୍ୟମରମିଥୁନ ପ୍ରେକ୍ଷଣୀୟାମବସ୍ଥାମ୍
ମଧ୍ୟେ ଶ୍ୟାମଃ ସ୍ତନ ଇବ ଭୁବଃ ଶେଷ ବିସ୍ତାର ପାଣ୍ଡୁଃ ॥

[ଶ୍ଳୋକ ଗାନ ହେଉଥିବା ବେଳେ······
ପରଦା ଧୀରେ ଧୀରେ ଉଠେ···]

ଦେଖାଯାଏ—

ଦୃଶ୍ୟ :

ଅନତି ଦୂରେ **ଆମ୍ର-କୂଟ** ପର୍ବତ ଶିଖର ।
ପର୍ବତ ସଂଲଗ୍ନ ବନାନୀ
ବୃକ୍ଷ ଲତିକାଢ଼ ନିକୁଞ୍ଜ ପରିଶୋଭିତ ।
ଅଦୂରେ ଦେଖାଯା'ନ୍ତି କେତେକ **ଧାଙ୍ଗଡ଼ା** (ବନଚର ଯୁବକ)
କାଠ ହିଡ଼ା ବାନ୍ଧନ୍ତି ।
ଦୃଶ୍ୟ ସ୍ଥିତ ମାଳତୀ କୁଞ୍ଜରେ କେତେକ **ଧାଙ୍ଗଡ଼ୀ** (ବନଚର ବାଳା)
ମାଳତୀ ଫୁଲ ତୋଳିବା ଦେଖାଯାଏ ।
ପର୍ବତ ଶିଖରରେ **ମେଘ** ଓ ବିଜୁଳି ଆବର୍ତ୍ତିତ ହୁଅନ୍ତି ।

କାଳ :

ମଧ୍ୟାହ୍ନ ।

Digitized by srujanika@gmail.com

ନେପଥ୍ୟ :—

(ଶ୍ଳୋକ)

ସ୍ଥିତ୍ୱା ତସ୍ମିନ୍ ବନଚର ବଧୂ ଭୁକ୍ତକୁଞ୍ଜେ ମୁହୂର୍ତ୍ତମ୍
ତୋୟୋତ୍ସର୍ଗ ଦ୍ରୁତତରଗତିସ୍ତତ୍ପରଂ ବର୍ତ୍ମ ତୀର୍ଣ୍ଣଃ ।
ରେବାଂ ଦ୍ରକ୍ଷ୍ୟସ୍ୟୁପଳବିଷମେ ବିନ୍ଧ୍ୟପାଦେ ବିଶୀର୍ଣ୍ଣାଂ
ଭକ୍ତିଚ୍ଛେଦୈରିବ ବିରଚିତାଂ ଭୂତି ମଙ୍ଗେ-ଗଜସ୍ୟ ॥

ବିଜୁଳି ଚମକ ଉଠେ ।
ଘୁଇ ଘୁଇ ଅଂଧାର ଦେଖାଯାଏ ।
ବନଚର ବଧୂ ଚମକି ଉଠନ୍ତି । ପର୍ବତ ଶିଖରେ ମେଘ ଓ
ବିଜୁଳିକୁ ଦେଖି ଫୁଲ ଫୁଲ ଗୀତ ଗାଇ ନାଚନ୍ତି ।

(ଗୀତ)

ରାଗ—ପାହାଡ଼ିଆସ୍ୱର ॥ ତାଳ—ଝୁଲା ॥

ବନଚର ଯୁବତୀ— ଆସ ହୋ
(ଧାଙ୍ଗଡ଼ୀ) ଆସ ହୋ ନୂଆ ନାଗର
ଘୁଡ଼ ବଗଡ଼ ଏଥର······
ଆସ ହୋ···
ଆସ ହୋ ନୂଆ ନାଗର
ପାହାଡ଼ ଉପରେ ଅଂଧାରିଆ ବାଦଲ ॥ ୦ ॥

[ସ୍ୱର ଅବଲମ୍ବନରେ ପାହାଡ଼ିଆ ଲଳନାଗଣ ନୃତ୍ୟ କରିବା···
ମେଘ କଣ୍ଠରୁ ଦୂରେ ଦୂରେ······
ନୃତ୍ୟ କରି କରି ଦେଖାଯିବା]

Digitized by srujanika@gmail.com

କାନଡ଼ିଆ ଘଟନ ମାରଇ ସନ ସନ
ଚହଟେ ଫୁଲବନ ଥରଇ ସଘନ
ନ କର ଅଳସ ଏଥର
ଆସ ହୋ
ଆସ ହୋ ନୂଆ ନାଗର ॥ ୧ ॥

[ଅନ୍ତ ଦୂରରୁ ଶୁଭେ...
ଧାଙ୍ଗଡ଼ା ଗଣଙ୍କ ସ୍ୱର]

(ସେମାନେ କାଠଗାଣ୍ଡି ଥୋଇଦେଇ-)

ବନଚର ଯୁବକ— <—ଏ—ଏ—
(ଧାଙ୍ଗଡ଼ା) ଏ—<—ଏ—

(ନାଚ ନାଚ ପ୍ରବେଶ କରନ୍ତି)

ମେଘ ଝଲ ଝଲ, ମନ ଛଲ ଛଲ
ଆସ ରସ ଢମାଳ ମୋର ବାଲି-ଫୁଲ *
ଦେଖି ଫୁଟିଲ ଫୁଲ, ରହେ କ ଭଅଁର

ଧାଙ୍ଗଡ଼ୀ— ଆସ ହୋ
ଆସ ହୋ ନୂଆ ନାଗର ॥ ୨ ॥

[ଧାଙ୍ଗଡ଼ା ଧାଙ୍ଗଡ଼ୀ ଙ୍କର ମିଳିତ ନୃତ୍ୟ
ଉତ୍ୟବସରରେ
ବିଜୁଳି ଓ ମେଘ ପ୍ରବେଶ କରନ୍ତି]

ଧାଙ୍ଗଡ଼ୀ— ବିଜୁଳି ଚମକାଇ... [ବିଜୁଳି ନୃତ୍ୟ କରିବା]
ଧାଙ୍ଗଡ଼ା— ଘିଡ଼ ଘିଡ଼ ବଜାଇ... [ମେଘ ନୃତ୍ୟ କରିବା]

* ବାଲିଫୁଲ—ମିତ ବା ମିତଣୀ ।

Digitized by srujanika@gmail.com

ଧାଙ୍ଗଡ଼ୀ— ଏଇ କଳା ବଉଦ…} ବିଜୁଳିର ଚମକ ଓ
ଧାଙ୍ଗଡ଼ା— ଆସଇ ଘୁଇ ଘୁଇ…} ମେଘର ଗର୍ଜନ ସହ
ସମ୍ମିଳିତ ନୃତ୍ୟ ।

ଧାଙ୍ଗଡ଼ା} ବରଷିଦେବ ଏବେ ଝର…
ଧାଙ୍ଗଡ଼ୀ} ଝର—ଝର ॥ ୪ ॥

(ମେଘ ବରଷିବା)

ନୃତ୍ୟ କର କର ଧାଙ୍ଗଡ଼ୀ ଗଣ
ଛାତ ଗୋଟି ମୁଣ୍ଡରେ ଧର…
ଧାଙ୍ଗଡ଼ା ମାନଙ୍କ ସହ
ନିଷ୍କ୍ରାନ୍ତ
ମେଘ ଓ ବିଜୁଳି ନୃତ୍ୟ କରୁଥିଲା ବେଳେ

ଗଛ ପରିବର୍ତ୍ତନ ॥

Digitized by srujanika@gmail.com

ଷଷ୍ଠ ଦୃଶ୍ୟ

ଦୃଶ୍ୟ :

ରାମଗିରି-ବନାଶ୍ରମ

କୁସୁମିତ କଦମ୍ବ ବୃକ୍ଷ ମୂଳେ ଏକାକୀ ବସିଛନ୍ତି

ବିଷର୍ଣ୍ଣ ମନରେ

ଯକ୍ଷ

ହେମମାଳୀ ।

ଅଦୂର ପାର୍ଶ୍ୱରେ ପ୍ରତିଷ୍ଠିତ ମାଳତୀ ଲତିକା

କାଳ :

ଜ୍ୟୋତ୍ସ୍ନା ରାତି ॥

ହେମମାଳୀ :—[ନୀଳିମା ଆକାଶ କୋଳେ ଉଦୀୟମାନ
ଚନ୍ଦ୍ର ବର୍ଷେ ବୃଷ୍ଟି···
ଅଶ୍ରୁ ବୃଷ୍ଟି···
ତାଙ୍କର ବିକଳ ପ୍ରାଣ
ଗାଇ ଉଠେ—]

(ଗୀତ)

ରାଗ—ନାଟକୁରଞ୍ଜ ॥ ତାଳ—ଆଦି ॥

ଆସ ନା ତୁମେ ଚନ୍ଦ୍ରମା
ହସନା
ଆଉ···ଆସ ନା
ତୁମର ଶୀତଳ ତରଳ ଜ୍ୟୋଛନା
ଢାଳ ଏବେ ଦିନା
ହସନା
ଆଉ···ଆସ ନା ॥ ୦ ॥

Digitized by srujanika@gmail.com

ଯାଅ ଯାଅ ମୋର ଚନ୍ଦ୍ରାବଳୀ
ମୁଖ ସୁଆଗ ଦେବେଣି ବଳି
ଚନ୍ଦ୍ରମା ହୋଇଥିବ ସୁନାର ଝଳି
ପାହାନ୍ତରେ ତୁମେ ଯେମିତି ନା ॥ ୧ ॥
ବନ୍ଧିଥିବେ ଜାଲ ଅଖଣ୍ଡ ଜପାଳି
ପାଅଁ ଚରଣରେ କେତେ ବୋବାଳି
ଚେତା ଅଚେତାରେ କେତେ ଲୁହ ଢାଳି
ମନେ ମାରି ମନ ବେଦନା ॥ ୨ ॥
ତୁମରି ରୂପ ଲାଗେ ଉପମ ଉପମ
ମନେପଡ଼େ ସେହି ରାତିର ଅନୁପମ
ଖୋଜୁଥିଲ ତୁମେ, ଜ୍ୟୋତ୍ସ୍ନାମୟ,
ଗୁଡ଼ ଆସିଲ ମୋ ପ୍ରିୟତମା ॥ ୩ ॥
ସେଇ ରାଇଜରୁ ନିତ ଆସ ଯିବ
କେଲି ବିଳାସରେ ଖେଳ ଯାଅ କନା
ମୋର ପୁରେ ମୋର ମନୋରମା
କାହିଁରେ ଯେବେ କହିଲ ନା ॥ ୪ ॥

ହସନା...ଆସନା...ଅଜ ଆସନା,

[ଯେପରି ସୁନ୍ଦର ପୂଲକିତ ଜ୍ୟୋତ୍ସ୍ନା ବିଷୟରେ ଲାଗେ—
ଚନ୍ଦ୍ରମା ହେଲେ ଖୋଜିବା ପାଇଁ ସେ
ଇଚ୍ଛା କରନ୍ତି ନାହିଁ—
ମୂଢ଼ ଲୁବ୍ଧ ଭୃଙ୍ଗପାନ୍ତ ।]

(ପଞ୍ଚ ପରିବର୍ତ୍ତନ)

ସପ୍ତମ ଦୃଶ୍ୟ

ନେପଥ୍ୟ :—

(ଶ୍ଳୋକ)

ବକ୍ରଃ ପନ୍ଥା ଯଦପି ଭବତଃ ପ୍ରସ୍ଥିତସ୍ୟୋତ୍ତରାଶାଂ
ସୌଧୋତ୍ସଙ୍ଗ-ପ୍ରଣୟ ବିମୁଖୋ ମାସ୍ମଭୂରୁଜ୍ଜୟିନ୍ୟାଃ
ବିଦ୍ୟୁଦ୍ଦାମସ୍ଫୁରିତ ଚକିତୈ ସ୍ତତ୍ର ପୌରାଙ୍ଗନା ନାଂ
ଲୋଲାପାଙ୍ଗୈର୍ଯଦି ନ ରମସେ ଲୋଚନୈର୍ବଞ୍ଚିତୋଽସି ।

ପରଦା ଧୀରେ ଧୀରେ ଉଠେ

ଦୃଶ୍ୟ :

ଆକାଶ

ସପ୍ରା

ସପ୍ରାର ଦୁଇ କଡ଼ରେ ବଡ଼ ବଡ଼ ବୃକ୍ଷ ଦେଖାଯାଏ ।
ଗୋଟାଏ ପାର୍ଶ୍ୱର ଅନନ୍ତ ଦୂରରେ ଦେଢ଼ବନ ବଣେ ଏକ
ପୁଷ୍କରିଣୀ ॥
ଖେଳନ୍ତି ମରାଳ ମାଳିକା ॥

କାଳ :

ପ୍ରଭାତ

ହଂସ ଇତ୍ୟାଦି ପକ୍ଷୀଗଣଙ୍କ ମଧୁର କାକଳି ଶୁଣାଯାଏ ।

ନେପଥ୍ୟ :—

(ଶ୍ଳୋକ)

ଦୀର୍ଘୀକୁର୍ବନ୍ ପଟୁମଦକଳଂ କୂଜିତଂ ସାରସାନାଂ
ପ୍ରତ୍ୟୂଷେଷୁ ସ୍ଫୁଟିତ-କମଳା-ମୋଦମୈତ୍ରୀ କଷାୟଃ

Digitized by srujanika@gmail.com

ଯତ୍ର ସ୍ତ୍ରୀଣାଂ ହରତି ସୁରତ-ଗ୍ଲାନି ମଙ୍ଗାନୁକୂଳଃ
ଶିପ୍ରାବାତଃ ପ୍ରିୟତମ ଇବ ପ୍ରାର୍ଥନା ଚାଟୁକାରଃ ॥

ନେପଥ୍ୟରୁ ଗୀତ ଭାସିଆସେ—

[କେତେକ ପୁର ବନିତା କାଖରେ କଳସ ଧରି···
ମଥା ଧାଉଁଳାଇ ସାହିଁଳାଇ···
ପ୍ରବେଶ କରନ୍ତି ।]

(ଗୀତ)

ରାଗ—ମାୟାମାଳବ ଗୌଡ଼ା ॥ ତାଳ—ଏକ ॥

ରାତି ପାହାନ୍ତ ହେଲା
ପୂରୁବ ଦଗରେ···କୁଙ୍କୁମ ରଙ୍ଗିମା···କି ସୁନ୍ଦର ଆଙ୍କିଦିଲା ॥ ୧ ॥
କୁଆ ଶୁଆ ଶାରୀ
ହଂସର କାକଳି
ଚହଳ ପହଳ ହେଲା
ଶୀତଳ ସମୀର···ଛୁଇଁଲା ଅନ୍ତର···ଅଳସ-ନିଦ ଭାଙ୍ଗିଲା ॥ ୨ ॥
ଉତ୍କଳପ୍ରିମା ବାଳା
ସିଇଁଥା ଧାଉଁଳା
ଝୁଲନ୍ତି ନବ-କେଶାଗ୍ର
ପାଦରେ ଅଳତା···ହାତେ ରଂଗଲତା···କାଖରେ କଳସ ଧରି ॥ ୩ ॥
ଆଖିରେ କଜଳ
ଓଠ ଜବାଫୁଲ
ଯଉବନ ଢଳ ଢଳ
କୁରଂଗି ନୟନା···କି, ଗଜ-ଗମନା···ଚଳନ୍ତି ମରାଳ ମାଳ ॥ ୪ ॥

Digitized by srujanika@gmail.com

ଚୁପି ଚୁପି ସ୍ପର୍ଶି
ଝଲ ଝଲ ହସି
ଏକକୁ ଆରେକ ସମ ବସୁଧୀ
ଶୈଳ ଝାହୁଳା···ବନ୍ଧୁସର ବେଳା···ମଧୁ-ଗନ୍ଧ କଥା ପରଶି ॥ ୫ ॥
[ଦିଗ୍‌ଦିଗନ୍ତ ଉଜ୍ଜ୍ୱଳ ଉଜ୍ଜ୍ୱଳ ହୋଇ ଆସେ]
ଉଜଳ ଉଜଳ
ହେମନ୍ତ ସକାଳ
ଧରି ଉଷାର ଅଂଚଳ
ଜବାଫୁଲ ପରି···ହସି ଥିବ ଥିରି···ଉଇଁଲେଣି ଦିନକର ॥ ୬ ॥
ଢଳ ଢଳ ଢଳ
ଫୁଟିଲା କମଳ
ଲହୁଣୀ ପରି ହେଲା କଅଁଳ
କମଳିନୀ କୋଳେ···ଘୁମେଇ ରହିରେ···ଉଡ଼ିଗଲା କଳା ଭଅଁର ॥ ୭ ॥
ବେଳ ବାଢ଼ିଗଲା
ଅଳସ ହୋଇଲା
ଚରି ଚରି କୂଳ—କାମିନୀ
ଶିପ୍ରାନଦୀ ଘାଟେ···ପଦ୍ମଝରେ ଖରେ···ସାରିବେ ସିନାନ ପାଣି ॥ ୮ ॥

[ରଂଗମଂଚରୁ ଲଳନା ଗଣ ଅପସରି ଯାଆନ୍ତି—ଆଲୋକ
ଲିଭିଯାଏ ପୁଣି ଦେଖାଯାଏ—
କଳ କଳ ସ୍ରୋତ ପ୍ରବାହିତା ଶିପ୍ରାନଦୀ—
ଓ ବାଲିପଠା]
(ସେହି ନଦୀ କୂଳରେ ପୁଣି ପ୍ରବେଶ କରନ୍ତି—
ସେହି ପୁର—ଲଳନା ଗଣ)

Digitized by srujanika@gmail.com

ଶିପ୍ରା ନଈ ଜଳ
ଆଜି ଛଳ ଛଳ
ଝୁଲଇ ତ ଝଲସେଇ
ଚିନ ଦେଉଛି ତ···ପ୍ରିୟତମ ଜୀମୂତ···ଅଧର ସୁଧା ନ ଚାଇ । ୯ ।

ସରସ-ବଦନା
ଉଜ୍ଜୟିନୀ ଗୋରା
ଜଳଦ ମାଜ ଧୋଇଲେ
ସ୍ୱଚ୍ଛ ବାଲି ଖୋଜେ···ଦାନ୍ତ ମାଜ ମାଜି···ନଈ ସୁନ୍ଦର ପଶିଲେ ॥୧୦॥

ଟାଧୋଳ ଟାଧୋଳ
ପୋଛୁ ପୋଛୁ ହୋଇ
ଫାଲଟନ୍ତ ଉଦା ଶାଢ଼ୀ
[ମେଘ ଘମାଘୋଟ ହୋଇ ଆସେ]
ଆକାଶେ ଆକାଶେ···ମେଘ ଘୁରି ଆସେ···ଦେବ କ
ପ୍ରଳୟ ଝଡ଼ ॥ ୧୧ ॥

ଗର୍ଜ୍ଜିଲେ ଛଇଲ
ମେଘ ଯେ ଉଚ୍ଛୁଳ
ମାତେ କେଳି-ରଂଗ-ରସେ
ଚମକେ ବିଜୁଳି···ଆଖି ଝିଲମିଲି···ମନ ଧାଏଁ ପ୍ରିୟପାଶେ ॥ ୧୨ ॥

ଗୁଲ ଗୁଲ ପିବା
ନୋଇଲେ ଶିମ୍ବୁଟା
ମେଘ ଏବେ ବରଷିବ
ଜଳଦ ଟି ଧର···ନଈ ପାଣି ଭର ··କରିଲେ ଅଣ୍ଟାରେ ଠାବ ॥ ୧୩ ॥

Digitized by srujanika@gmail.com

ଝୁଲନ୍ତ ଯୁବତୀ
ଫୁଲାଇଣ ଛାତି
ଚଞ୍ଚଳ ପାଦ ଦୋଇ
ମେଷ ଅପଦନ···ଥରେ ଘନ ଘନ···ଧାଏଁ
ଗୋଡ଼ାଇ ଗୋଡ଼ାଇ ।୧୯।

ଖେଳାଇଣ ଡୋଳା
ଝୁଲନ୍ତ ଅବଳା
ଯଉବନ ମଦେ ମତ୍ତ
ବିଜୁଳି ମାରଇ···ମେଘ ଗରଜଇ···ଛନକ ଯାଆନ୍ତି ଥକ ।୧୫।

(ମେଘ ଓ ବିଜୁଳିର ଆବିର୍ଭାବ)

[ସତେ ଯେପରି ମେଘ ଓ ବିଜୁଳି
ପୁର-କାମିନୀ ଗଣଙ୍କୁ
ଓଗାଳି ଦିଅନ୍ତି]

ଚକିତ ଆଖିରେ
ଶଂକିତ ମନରେ
ଝଲକେ ଅନାନ୍ତି ତରୁଣୀ
ଅବଳା ଆଖିରେ ଆଖି ମିଶାଇଲେ ମେଘ ସିଞ୍ଚିଦେଲେ ପାଣି ।୧୨।

ବିଜୁଳି କୁ ଧରି
ବାହୁରେ ଆବରି
ଦେଲେ ମଞ୍ଜନ ନବ ଘନ
କଣୋଷ୍ଟି ରୂପରେ ଲକ୍ଷି ରହିଗଲେ ସତେ କି ସେ ଉଦାସୀନ ।୧୭।

Digitized by srujanika@gmail.com

ମିଳନର ଶୋଭା

ଦେଖି ମନ-ଲୋଭା

ଉଚ୍ଛନ୍ନ ହେଲେ ତରୁଣୀ;

ଧ୍ୱନି ଧ୍ୱଜ ଦପି···ଝୁଲାଇଲେ ଷୋଡ଼ଶୀ···ମଥାରେ ଦେଇ ଓଢ଼ଣୀ ॥୧॥

[ମେଘ ଓ ବିଜୁଳି ଢଗେ

ଅନୁରାଗ ଭର ଆଖିରେ ଘୂର୍ଣ୍ଣି

ଲଳନା ଗଣ ନମ୍ରାନ୍ତ]

[ପଞ୍ଚ ପରିବର୍ତ୍ତନ]

Digitized by srujanika@gmail.com

ଅଷ୍ଟମ ଦୃଶ୍ୟ

ନେପଥ୍ୟ :—

(ଶ୍ଳୋକ)

ଅପ୍ୟନ୍ୟସ୍ମିନ୍ ଜଳଧର ମହାକାଳ ମାସାଦ୍ୟ କାଳେ
ସ୍ଥାତବ୍ୟଂ ତେ ନୟନ ବିଷୟଂ ଯାବଦତ୍ୟେତି ଭାନୁଃ
କୁର୍ବନ୍ ସନ୍ଧ୍ୟାବଳିପଟହତାଂ ଶୂଳିନଃ ଶ୍ଳାଘନୀୟ
ମାମନ୍ଦ୍ରାଣାଂ ଫଳମବିକଳଂ ଲପ୍ସ୍ୟସେ ଗର୍ଜିତାନାଂ ॥

———

[ନେପଥ୍ୟ ଶଂଖ, ଆଳତି ଘଣ୍ଟା – ବାଜି ଉଠେ]

ଧୀରେ ଧୀରେ ପରଦା ଉଠେ ।

ଦୃଶ୍ୟ :

ମହାକାଳ ପୀଠ

ରତ୍ନଖଚିତ ସ୍ବର୍ଣ୍ଣ-ସିଂହାସନ ଉପରେ

ଶିବ ଓ ପାର୍ବତୀ

ଉପବିଷ୍ଟ ।

ଦୁଇଜଣ ଲଳନା ସିଂହାସନର ଦୁଇ ପାର୍ଶ୍ବରେ ରହି

ଚାମର ଚାଳନ କରନ୍ତି ।

ଅନ୍ୟାନ୍ୟ କେତେକ ଲଳନା ସମ୍ମୁଖ ଦୁଇପାର୍ଶ୍ବରେ ରହି

ଆଳତି କରନ୍ତି ।

(ମଧୁର ଗାନ ଓ ବାଦ୍ୟ ବାଜି ଉଠେ)

Digitized by srujanika@gmail.com

କାଳ :

ସଂଧ୍ୟା

ଗାନ ଓ ବାଦ୍ୟ ଛନ୍ଦରେ ସଂଧ୍ୟା ଆଳତି
ହେଉଥିବା ସମୟରେ
ଶଂକର ପାର୍ବତୀ ଙ୍କ
ମୁଖ ମଣ୍ଡଳ
ପ୍ରସନ୍ନ ଦେଖାଯାଏ ।

ନେପଥ୍ୟ :— (ଆଳତି ସମୟରେ)

(ଶ୍ଳୋକ)

ପଶ୍ଚାଦୁଚ୍ଚୈର୍ଭୁଜତରୁବନଂ ମଣ୍ଡଳେନାଭିଲୀନଃ
ସାନ୍ଧ୍ୟଂ ତେଜଃ ପ୍ରତିନବ ଜବାପୁଷ୍ପରକ୍ତଂ ଦଧାନଃ । ୧୨
ନୃତ୍ୟାରମ୍ଭେ ହର ପଶୁପତେରାର୍ଦ୍ର ନାଗା ଜିନେଚ୍ଛାମ୍
ଶାନ୍ତୋଦ୍ବେଗ ସ୍ତିମିତ ନୟନଂ ଦୃଷ୍ଟଭକ୍ତିର୍ଭବାନ୍ୟା ॥

ବୀଣା, ଶଂଖ, ଘଣ୍ଟାର ଝଂକାର ଭିତର ଦେଇ
ଆଳତି ହେଉଥାଏ ।
ମିଳିତ କଣ୍ଠରେ ସମସ୍ତେ ପ୍ରାର୍ଥନା କରନ୍ତି ।

"ଜୟତ୍ୟତଭ୍ୟ ବିଭ୍ରମଦ୍
ଭ୍ରମଦ୍ଭୁଜଙ୍ଗ ମସ୍ଫୁରଦ୍
ଧ୍ୱିମିଂ ଧ୍ୱିମିଂ ଧ୍ୱିମିଂ ଧ୍ୱନଂ
ମୃଦଙ୍ଗ ତୁଙ୍ଗ ମଙ୍ଗଳଂ
ପ୍ରଚଣ୍ଡ ତାଣ୍ଡବୋ ଶିବୋ ॥ ୦ ॥

Digitized by srujanika@gmail.com

[ଦୁଇ ପାର୍ଶ୍ୱରେ ଲଳନାଗଣ ଆଳଟ
ଧରି ଛିଡ଼ା ହୁଅନ୍ତି]

ନଟରାଜ ସିଂହାସନ ଉପରୁ ଉଠନ୍ତି
ପାର୍ବତୀ ମଧ୍ୟ ତତ୍‌ସଙ୍ଗେ ଉଠନ୍ତି ।
ନାଗରା ବାଜ ଉଠେ—
ନଟରାଜ ଙ୍କ କଳେବର କମ୍ପିତ ହୁଏ
ସେ
ତାଣ୍ଡବ ନୃତ୍ୟ କରନ୍ତି ।
ଉଗ୍ର ତାଣ୍ଡବ ସମୟରେ···ପାର୍ବତୀ ଦେବୀ ଧୀର ଲାସ୍ୟ ନୃତ୍ୟ କରନ୍ତି ।

ନଟରାଜ ଶାନ୍ତ ହୋଇ ଆସିଲା ବେଳେ
ସଂଧ୍ୟାକାଶର ରକ୍ତିମବର୍ଣ୍ଣାନୁରଂଜିତ
ମେଘ
ପ୍ରବେଶ କରି ଭକ୍ତିଭରେ ପ୍ରଣାମ କରନ୍ତି ।
ଶିବ ଓ ପାର୍ବତୀ ଶୁଭାଶୀଷ ଦିଅନ୍ତି ।
(ଘଣ୍ଟ ବାଜଉଠେ)

ପଟ ପରିବର୍ତ୍ତନ ।।

Digitized by srujanika@gmail.com

ନବମ ଦୃଶ୍ୟ

ଦୃଶ୍ୟ :

କୈଳାସ ପର୍ବତ ମାଳିକା

କାଳ:

ଗୋଧୂଳି ବେଳା ॥

ପରଦା ଧୀରେ ଧୀରେ ଉଠେ

ନେପଥ୍ୟ :—

(ଶ୍ଳୋକ)

ଗତ୍ୱା ଚୋର୍ଦ୍ଧ୍ୱଂ ଦଶମୁଖଭୁଜୋଚ୍ଛ୍ୱାସିତ ପ୍ରସ୍ଥସନ୍ଧେଃ
କୈଳାସସ୍ୟ ତ୍ରିଦଶବନିତା ଦର୍ପଣସ୍ୟାତିଥିଃ ସ୍ୟାଃ
ଶୃଙ୍ଗୋଚ୍ଛ୍ରାୟୈଃ କୁମୁଦବିଶଦୈ ର୍ଯୋ ବିତତ୍ୟ ସ୍ଥିତଃଖଂ
ରାଶୀଭୂତଂ ପ୍ରତିଦିନ ମିବ ତ୍ର୍ୟମ୍ବକସ୍ୟାଟ୍ଟହାସଃ ॥

[ଅଭ୍ରଷ୍ଟୁମ୍ବୀ ଧବଳ ତୁଷାର ମୌଳୀ
କୈଳାସ ପର୍ବତ ମାଳିକା ଉପରେ ଦେଇ
ମେଘ ଖେଳ ଖେଳ ଯିବା ଦେଖାଯା]

କୈଳାସର ରଜତ ଚୂଡ଼ା ଉପରେ ମେଘ ଦଣ୍ଡାୟମାନ)

Digitized by srujanika@gmail.com

ନେପଥ୍ୟ :—

(ଶ୍ଳୋକ)

ତସ୍ୟୋତ୍ସଙ୍ଗେ ପ୍ରଣୟିନ ଇବ ସ୍ରସ୍ତଗଙ୍ଗା ଦୁକୂଳାଂ
ନ ତ୍ୱଂ ଦୃଷ୍ଟ୍ୱା ନ ପୁନରଲକାଂ ଜ୍ଞାସ୍ୟସେ କାମଚାରିନ୍
ଯା ବଃ କାଳେ ବହନ୍ତି ସଲିଳୋଦ୍‌ଗାରମୁଚ୍ଚୈର୍ବିମାନା
ମୁକ୍ତାଜାଳଗ୍ରଥିତ ମଳକଂ କାମିନୀବାଭ୍ରବୃନ୍ଦମ୍ ॥

(ଦୂରେ ଝଲସିତ ଗଙ୍ଗା ନଦୀର ପ୍ରବାହ ଦେଖାଯାଏ
ମେଘ ହର୍ଷଭରେ ସେହି ଦିଗେ ଗମନ କରନ୍ତି—)

—ଯବନିକାପତନ—

ଦ୍ୱିତୀୟ ଅଙ୍କ ସମାପ୍ତ ।



Digitized by srujanika@gmail.com

ତୃତୀୟ ଅଂକ ।

ପ୍ରଥମ ଦୃଶ୍ୟ ॥

ନେପଥ୍ୟ :—ବାଜଉଠେ ମଂଗଳ ଘଣ୍ଟା ।

ଘୋଷଣା

ବିଶ୍ୱର ଗରିମାମୟ
ଅଭ୍ରସ୍ପର୍ଶୀ
ଗିରିରାଜ ମୌଳୀ
ରଜତ ହିମାଚଳ ଅଂକଦେଶେ
ଅବସ୍ଥିତ—
ସପ୍ତତଳ ପ୍ରାସାଦ ପୃଷ୍ଠ
ଶୋଭା ସମ୍ପଦ ବିଶୋଭିତ
ଯକ୍ଷରାଜ
କୁବେରଙ୍କ ରାଜଧାନୀ ।

(ଶ୍ଳୋକ)

ବିଦ୍ୟୁତ୍ବନ୍ତଂ ଲଳିତବନିତାଃ ସେନ୍ଦ୍ରଚାପଂ ସଚିତ୍ରାଃ
ସଂଗୀତାୟ ପ୍ରହତ ମୁରଜାଃ ସ୍ନିଗ୍ଧ ଗମ୍ଭୀର ଘୋଷମ୍
ଅନ୍ତସ୍ତୋୟଂ ମଣିମୟଭୁବସ୍ତୁଙ୍ଗ ମଭ୍ରଂଲିହା ଗ୍ରାଃ
ପ୍ରାସାଦାସ୍ତ୍ୱଂ ତୁଳୟିତୁମଲଂ ଯତ୍ରତୈସ୍ତୈର୍ବିଶେଷୈଃ ।

Digitized by srujanika@gmail.com

[ଉକ୍ତ ଶ୍ଳୋକ ଅବଲମ୍ବନରେ
ଧୀରେ ଧୀରେ
ପରଦା
ଉଠେ ।]

[ରଂଗମଞ୍ଚ ଉପରେ
ସଂଧ୍ୟାକାଳୀନ—
ଧୀର ଜ୍ୟୋତ୍ସ୍ନା ଝଲସିତ•••
ଆଲୋକପାତ
ହୁଏ ।]

ଦେ ଖା ଯା ଏ

ଦୃଶ୍ୟ :

ଅନନ୍ତ ନୀଳ ଆକାଶ ।
ଆକାଶକୁ ଚୁମ୍ବନ କରି
ଦେଖାଯାଏ
ଧବଳ ତୁଷାର ମୌଳୀ
ହିମଗିରି
ମାଳିକା;
ତା'ର ଅଙ୍କ ଦେଶରେ
ବିରଜିତ
ଝୁରୁ ଚଳିତ
ତୁଙ୍ଗ ସୌଧ ମାଳିକା ।
ମଧୁପ ଗୁଂଜନ ମୁଖରିତ
ପୁଷ୍ପିତ ତରୁ ଲତିକାରେ ଶୋଭିତ

Digitized by srujanika@gmail.com

ଶ୍ରୀ ସମ୍ପନ୍ନ **ଅଳକା** ।
ପାର୍ଶ୍ୱଦେଶରେ…**ସରସୀ** ।
ସରସୀ ବକ୍ଷରେ
ବିକଶିତ
ଗଣି ଗଣି ପଦ୍ମ !
ବିହରନ୍ତି
ରାଜହଂସ ମାଳିକା ।

କାଳ :

ପ୍ରଦୋଷ

କନ୍ତୁ
ଆକାଶରେ
ଉଦୀୟମାନ
ଚ ନ୍ଦ୍ର ମା !

[ରଂଗମଞ୍ଚ ପ୍ରଚ୍ଛନ୍ନ ଭାବେ ଦେଖାଯାଏ…
ଦୂର ଅନ୍ତରାଳରୁ…
ଅସ୍ପଷ୍ଟ ଭାବେ ଶୁଭେ…
ମୁରଜର ସ୍ନିଗ୍ଧ ଗମ୍ଭୀର ଘୋଷ]

ଶ୍ଳୋକ ଉଚ୍ଚାରିତ ହେଉଥିବା ସମୟରେ
ଗୋଟାଏ ପାର୍ଶ୍ୱରୁ
କେତେକ ଉଦ୍ଭିନ୍ନ **ରୂପସୀ ବାଳା**
ପ୍ରବେଶ କରନ୍ତି
ଏବଂ
ଉପବନର ସୌନ୍ଦର୍ଯ୍ୟ ଉପଭୋଗ କରି

Digitized by srujanika@gmail.com

ପୃଷ୍ଠ ଚପୁନ କଲାବେଳେ
ଅନ୍ୟ ପାର୍ଶ୍ୱରୁ
ପ୍ରବେଶ କରନ୍ତି

ମେଘ ॥

ମେଘ କୁ ଦେଖି ଅଳକା ବାଳୀ ଗ୍ଲଳଯା'ନ୍ତି
ମେଘ ର
ଲଳିତ ଅଧର ଯୁଗଳରେ
ମୃଦୁ ମଂଜୁଳ ହାସ୍ୟ
ଫୁଟିଉଠେ ।

[**ମେଘ** ବମୁଗ୍ଧ ନୟନରେ ଅଳକା ପୁରୀର ବଚିତ୍ର ସୌନ୍ଦର୍ଯ୍ୟ ଦେଖିଯା'ନ୍ତି]

ସୁନ୍ଦର
ଅତି ସୁନ୍ଦର
ଏହ୍ୱିତ ଅଳକା ପୁର
ଚର୍ଚ୍ଚିତ
ଗୃହ ଚର୍ଚ୍ଚିତ
ଇନ୍ଦ୍ରଧନୁ କ ଭରପୁର !
ସୌରଭ କଳା—
କୌଶଳ ଭରା
ଭୃଙ୍ଗ ସଉଧ ସଜା
ପରଶେ ଗଗନ
ହରଷେ ଚୁମ୍ବନ
ମଣିମୟ ଶୋଭା ସାଜ ।

Digitized by srujanika@gmail.com

ଲଳିତ ଅବଳା
ଲସିତ ଚପଳା
ପ୍ରମତ୍ତ କେଳି-ବିଳାସ
ବାଜେ ମୃଦଙ୍ଗ
ସାଜେ ତରଙ୍ଗ
ପ୍ରମଦ ସ୍ନିଗ୍ଧ ରସ !

———

ନେପଥ୍ୟ :—

(ଶ୍ଳୋକ)

ଯତ୍ରୋନ୍ମତ୍ତଭ୍ରମର ମୁଖରାଃ ପାଦପା ନିତ୍ୟପୁଷ୍ପାଃ
ହଂସଶ୍ରେଣୀରଚିତ ରଶନା ନିତ୍ୟ ପଦ୍ମା ନଳିନ୍ୟଃ । ୨
କେକୋତ୍କଣ୍ଠା ଭବନ ଶିଖିନୋ ନିତ୍ୟଭାସ୍ୱତ୍ କଳାପା
ନିତ୍ୟ ଜ୍ୟୋତ୍ସ୍ନାଃ ପ୍ରତିହତ ତମୋ ବୃତ୍ତିରମ୍ୟାଃ ପ୍ରଦୋଷାଃ ॥

[ଶ୍ଳୋକ ମୁଖରିତ ହେଉଥିବା ବେଳେ
ପ୍ରମତ୍ତ ଭ୍ରମର ରାଶି
ମଧୁ ଗୁଂଜନ କରି ଉଡ଼ି ଆସନ୍ତି···
ମୟୂର ମୟୂରୀ
ପୁଚ୍ଛ ଟେକି
ନୃତ୍ୟ କରି
ପ୍ରବେଶ କରନ୍ତି]

Digitized by srujanika@gmail.com

ମେଘ :—(ଉତ୍ଫୁଲ୍ଲିତ ହୋଇ)

ନନ୍ତ କୁସୁମିତ
ଅନ୍ତ ସୁରଭିତ
ଉପବନେ ଅଳି ଗୁଂଜନ
ସରସୀର ବୁକେ
ସରସିଜ ମୁଖେ
ହଂସାଳି କେଳି ରଂଜନ ।
କେକା ଗୀତ ଗାଇ
କେକା କେକା, ଡାଇ
ନାଚନ୍ତି ଟେକ ବରହ
ପ୍ରଣ୍ଡ ପ୍ରଦୋଷରେ
ପ୍ରୀତ ଜ୍ୟୋତ୍ସ୍ନା ଝରେ
ଅଂଧାର ଚହିଁ ବରଦ !

[ଅଦୂର ଅନ୍ତରାଳରୁ
ତାନ ଏବଂ ମୃଦଙ୍ଗ ଶବ୍ଦ ଶୁଭେ···
ତାଳେ ତାଳେ
ମେଘ
ଓ
ମୟୂର ମୟୂରୀ
ନୃତ୍ୟ
କରନ୍ତି]

Digitized by srujanika@gmail.com

[ବୀଣାର ତାନ ଓ ମୃଦଙ୍ଗ ଶବ୍ଦ ସ୍ପଷ୍ଟଭାବେ ଶୁଭେ]

ଏହି ତ ଝରଇ
ବୀଣାର ତାନ
ଲହର ଲହର ପବନ
ଏହିତ ଶୁଭଇ
ମଧୁର ଗାନ
ନୂପୁର ରଣନ ଝଣନ ।

ନୃତ୍ୟ କରି କରି **ମେଘ** ଅଦୃଶ୍ୟ ହୁଅନ୍ତି···
ମୟୂର ମୟୂରୀ ଆଲୁରେ ବୃଷ୍ଟି ବହନ୍ତି—

ପଞ୍ଚ ପରିବର୍ତ୍ତନ ॥

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

ନେପଥ୍ୟ :—

(ଶ୍ଳୋକ)

ଅକ୍ଷଯ୍ୟାନ୍ତର୍ଭବନନିଧୟଃ ପ୍ରତ୍ୟହଂ ରକ୍ତକଣ୍ଠୈ—
ରୁଦ୍ଗାୟଦ୍ଭିର୍ଧନପତି ଯଶଃ କିନ୍ନରୈର୍ଯତ୍ର ସାର୍ଦ୍ଧମ୍
ବୈଭ୍ରାଜାଖ୍ୟଂ ବିବୁଧବନିତା ବାରମୁଖ୍ୟାସହାୟାଃ
ବଦ୍ଧାଳାପା ବହିରୁପବନଂ କାମିନୋ ନିର୍ବିଶନ୍ତି ।

ଧୀରେ ଧୀରେ ପରଦା ଉଠେ

[ଦୃଶ୍ୟାନ୍ତରାଳରୁ ଭାସିଆସେ
ବୀଣା, ମୃଦଙ୍ଗ, କରତାଳ ଶବ୍ଦ ଓ ନୂପୁର ନିକ୍ୱଣ]

ଦୃଶ୍ୟ :

ଯକ୍ଷରାଜ କୁବେରଙ୍କ ଭବନ ବହିର୍ଦ୍ଦେଶରେ
ଅତି ରଂଜିତ, ସୁରଭିତ
ବୈଭ୍ରାଜ ଉପବନ ॥

କାଳ:

ସି—ସଂଧ୍ୟା

ଧୀର ଲଳିତ ଜ୍ୟୋତ୍ସ୍ନାରେ ଅନୁରଞ୍ଜିତ

[ଦୁଇଜଣ ଗନ୍ଧର୍ବ ଗାନ କରନ୍ତି...
ଏବଂ
ଦୁଇଜଣ ଗନ୍ଧର୍ବ ବାଳା *ନୃତ୍ୟ କରନ୍ତି ।]

(ପାର୍ଶ୍ୱଦେଶରେ କେତେକ କିନ୍ନର ଓ କିନ୍ନରୀ ବସି
ଲଳିତ କଳା-ବିଳାସ ଉପଭୋଗ କରନ୍ତି—)

Digitized by srujanika@gmail.com

*ତିଲ୍ଲାନା ଗାନ ଓ ନୃତ୍ୟ ।

*ନ(ଅନ୍ୟସ୍ବର କୈଶିକ ନିଷାଦ)　　　　　　ଆରୋହଣ : ସା ଗ ମା ପା ନ ସାଂ

ରାଗ—ଅଠାଣା ॥ ତାଳ—ଆଦି ॥　　　　ଅବରୋହଣ : ସାଂ ନ ଧା’ ପା ମା ପା ଗା’ ରି ସା

ଲଘୁ	ଗୁରୁ ଅକ୍ଷର	ଧୃତ O ଦୁଇ ଅକ୍ଷର	ଧୃତ O ଦୁଇ ଅକ୍ଷର
		ପ ଲ୍ଲ ବ	
ସା ନ ପା ମା	— ପା ଗା’ ମା	ପା’, ମା	ପା ନ ସାଂ ରିଂ
୧) ଉ ଦା ନା ତୋଂ	— ତୋଂ ତା	ନାଂ . ନା	ଦ ରି · ନା
ସାଂ ନ ପା ମା	— ପା ଗାଂ’ ମା	ପା’ ସାନସାରି	ସାନ ପାନପା ମାପାନ
୨) ଉ ଦା ନା ତୋଂ	— ତୋଂ ତା	ନାଂ ନା : . .	ଦ · / ରି · · / ନା · ·
ସାଂ ରିଂ ସାଂ ନ ପାମା	— ପା ଗା ମା	*ନ’ ପା’	; ; । ।
୩) ଉ · ଦା · ନା ତୋଂ	— ତୋଂ ତା	ନାଂ .	· · । ।
		ଅନୁ ପଲ୍ଲବ	
ମା’ ପା ପା ପା ମା ସା	— , ସାଂ/ସାଂ’ ସାଂ ସାଂ	ସା ପା ସାଂ ନ ଧାନ	ସାଂ ରିଂ ନ ସା
ନା’ ଦର୍ ଦର୍ ଦା	— , ନ ତୋଂ ଦର୍	ଦ ର୍ ଦା · · ନ	ସା ଗ ନ ସା
ସା ଗାଂ’ ମାଂ	— ରିଂ ସାଂ ସାଂ ନ	ପା *ନ ପା/ମା	ପା ନ ସା ରି
ସାଂ ଗାଂ’ ମା	— ରିଂ ସାଂ ତା କା	ଧି ମି ତା/ତା	ଦଂ ଗି ଣା ତୋଂ ॥
ସାଂ’; ପା’;	— ପା ମା *ନ ପା ଗା’;	ଗା ଗା ମା ମା ରି ରି ସା’	; ନ ସା ଗ ମା ପା ନ
ରିଂ ସାଂ ସାଂ’ ନ ପା ନ	— ପା ମା ଗା’;/ ପାମା	, ପା ଗା ମା ରି ରି’ସା’	; ନ ସା ଗ ମା ପା ନ ॥
			(ଉ ଦା ନା ତୋଂ)

Digitized by srujanika@gmail.com

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

ଚ ର ଣ ।

ଲଘୁ	ସ୍ୱର ଅକ୍ଷର	ଧୃତ O ଦ୍ରୁତ ଅକ୍ଷର	ଧୃତ O ଦ୍ରୁତ ଅକ୍ଷର
'ଶ୍ରୀ ଜ ୟୁ —	ଜ ୟୁ ରୁ	ଅ ଲ କା	ପୁରପଠ
ମୋ ହୁ ନା —	ମୋ ହ୍ନ ନ	ଶ୍ରୀ ପଠ	ଧ ନ ପ ଢ
ନଡ୍ୟ ନୃତ୍ୟ —	ଗା···ନ	ଲେ···ଲ	– ସୁ ମ ଢ
ଘ ଜ ଘ— —	ଜେ . ଶ୍ୱର	କୁ ବେ ର	ପ୍ର ଣ ଡ
ସା' ; ପା' ; —	ପା ମା *ନ ପା ଗା';	ଗା ଗା ମା ମା ର ର ସା'	; ନ ସା ର ମା ପା ନ
ତାଂ ତାଂ —	ତା କା ଧି ମି ତାଂ	ଝେଁ ଣୁ ତା କା ଧି ମି ତାଂ	· ଧି ମି କ ଟା ତା କା
ଣ୍' ସା ସା'ନ ପାନ —	ପା ମା ଗା'; / ପା ମା	, ପା ଗା ମା ର ର ସା'	; ନ ସା ର ମା ପା ନ ॥
ଧି ଗ୍ର ଲାଂ କୁ ତା ଧିଂ—	ଗି ଣା ତୋଂ· / ତା ଲାଂ	· କୁ ତା ଧିଂ ଗି ଣା ତୋଂ	· ତା ଧିଂ ଗି ଣା ତୋଂ ॥
			(ହ ଦା ନା ତୋଂ)

Digitized by srujanika@gmail.com

ନୃତ୍ୟ ଶେଷରେ

ନୃତ୍ୟ ଶିଳ୍ପୀଗଣ କୁବେରଙ୍କ ଉଦ୍ଦେଶ୍ୟରେ ପ୍ରଣତି ଜଣାଇବା ସମୟରେ

ମେଘ

ସେହି ସ୍ଥାନରେ

ପ୍ରବେଶ କରି

ଆନତ ମସ୍ତକରେ ଦଣ୍ଡାୟମାନ ହୁଅନ୍ତି ।

ମେଘ କୁ ଦେଖି

ସମସ୍ତେ ସୋଲ୍ଲାସେ ସବେଗେ ସେଠାରୁ ଖସିଯା'ନ୍ତି ।

ମେଘ—(ସାନନ୍ଦରେ) ଏହି ଝଙ୍କୃତ
କୁବେର ଭବନ
ବୈଭ୍ରାଜର କୁଞ୍ଜବନ ।
ଏହି ଝଳସିତ
ନୃତ୍ୟ ତାନ
ଧନପତିର ଯଶ ଗାନ ।

—ପ୍ରସ୍ଥାନ—

ପଞ୍ଚ ପରିବର୍ତ୍ତନ ॥

Digitized by srujanika@gmail.com

ତୃତୀୟ ଦୃଶ୍ୟ ॥

ନେପଥ୍ୟ :—

(ଶ୍ଳୋକ)

ତତ୍ରାଗାରଂ ଧନପତିଗୃହାନୁତ୍ତରେଣାସ୍ମଦୀୟମ୍
ଦୂରାଲ୍ଲକ୍ଷ୍ୟଂ ସୁରପତିଧନୁଶ୍ଚାରୁଣା ତୋରଣେନ୍
ଯସ୍ୟୋପାନ୍ତେ କୃତକତନୟଃ କାନ୍ତୟା ବର୍ଦ୍ଧିତୋମେ
ହସ୍ତପ୍ରାପ୍ୟ ସ୍ତବକ—ନମିତୋ ବାଳମନ୍ଦାର-ବୃକ୍ଷଃ ।

[ଶ୍ଳୋକ ଅବଲମ୍ବନରେ
ଧୀରେ ଧୀରେ
ପ ର ଦା
ଉ ଠେ]

ଦୃଶ୍ୟ :

ଯକ୍ଷ **ହେମମାଳୀ**ଙ୍କ ଭବନର
ପ୍ରଥମ **ବହିର୍ଦ୍ୱାର** ।

ଫାଟକର ଦ୍ୱାର ବନ୍ଧନରେ
ଶଂଖ ଓ **କମଳ** ଅଙ୍କିତ ହୋଇଛି ।

ଇନ୍ଦ୍ରଧନୁ ସମ ଶର୍ଜିତ ତୋରଣ ହୋଇଛି ।
ଫାଟକର ଅନ୍ତର୍ଦ୍ଦେଶରେ
ସୁନ୍ଦର ପ୍ରାଙ୍ଗଣ ।

ପ୍ରାଙ୍ଗଣରେ ପ୍ରସ୍ଫୁଟିତ ପାରିଜାତ ପାଦପ ।

Digitized by srujanika@gmail.com

ମେଘ ପ୍ରବେଶ କରନ୍ତି ॥

[ସେହି ଭବନ ଆଡେ ଦୃଷ୍ଟି ନିକ୍ଷେପ କରି-]

ହେମମାଳୀଙ୍କ ଏହି ଭବନ
ଧନପତି ପୁର ଉତ୍ତରରେ
ଇନ୍ଦ୍ରଧନୁ ସମ ଏହି ତୋରଣ
ପାରିଜାତ ଶୋଭେ ପ୍ରାଙ୍ଗଣରେ ।

ପୁଣି ନେପଥ୍ୟରେ :—

(ଶ୍ଳୋକ)

(ମେଘ ସେହି ଆଡେ କର୍ଣ୍ଣପାତ କରନ୍ତି
ଏବଂ
ଲକ୍ଷଣ ଗୁଡ଼ିକ ପ୍ରତି ଲକ୍ଷ୍ୟ କରନ୍ତି ।)

ଏ ଭିଃ ସାଧୋ ! ହୃଦୟ-ନିହିତୈର୍ଲକ୍ଷଣୈର୍ଲକ୍ଷୟେଥାଃ
ଦ୍ୱାରୋପାନ୍ତେ ଲିଖିତ ବପୁଷୌ ଶଂଖପଦ୍ମୌଚ ଦୃଷ୍ଟ୍ୱା ।
କ୍ଷାମଚ୍ଛାୟଂ ଭବନମଧୁନା ମଦ୍ ବିୟୋଗେନ ନୂନମ୍
ସୂର୍ଯ୍ୟାପାୟେ ନଖଲୁ କମଳଂ ପୁଷ୍ୟତି ସ୍ୱାମଭିଖ୍ୟାମ୍ ।

"ସବୁ ତ ଭବନ ଦିଶଇ ମଳିନ
ଅରୁଣ ବିହୁନେ' ଯେସନ ନଳିନ ।"

ଅନ୍ତରାଳରୁ ଭସିଆସେ…

ପୂର୍ବ ଗୀତର ପୁନରାବୃତ୍ତି—

Digitized by srujanika@gmail.com

(ହେମମାଳଙ୍କ କଣ୍ଠରୁ)

(ଗୀତ)

" ଅଳକା ପୁରେ···ମୋର ମନ୍ଦିରେ
ଶଂଖ କମଳ ଶୋଭଇ ଦୁଆରେ
ସେହି ପୁରେ ସଖା—ପାଇବ ହେ ଦେଖା
ବରବର୍ଣ୍ଣୀ ବାଳା ମୋର ପ୍ରିୟାରେ—" ॥ ୦ ॥

(**ମେଘ** ଚିହ୍ନିତ **ଶଂଖ ଓ କମଳ** ଦେଖି
ପ୍ରାଙ୍ଗଣ ଭିତରେ ପ୍ରବେଶ କରନ୍ତି ।)

ପଞ୍ଚ ପରିବର୍ତ୍ତନ ॥

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ ॥

ଦୃଶ୍ୟ :

ଯକ୍ଷ **ହେମମାଲୀ**ଙ୍କ ଅନ୍ତଃପୁର ସ୍ଥିତ

ପୂଜା ମନ୍ଦିର ।

ଦେଖାଯାଏ

ସିଂହାସନ ଉପରେ **ଦେବତାଙ୍କ** ପ୍ରସ୍ତରମୂର୍ତ୍ତି ବିରାଜିତ ।
ନାନାବିଧ ପୁଷ୍ପରେ ବିଭୂଷିତ ସେହି ପ୍ରସ୍ତରମୂର୍ତ୍ତି ।

ଗୋଟାଏ ରୁଖା ଉପରେ ଦୀପ ମିଞ୍ଜି ମିଞ୍ଜି ଜଳେ ।
ଧୂପଦାନରୁ କ୍ଷୀଣ ଧୂପ ରେଖା ଉଠି ଶୂନ୍ୟରେ ମିଶିଯାଏ ।
ପିଞ୍ଜରା ଭିତରେ ଶାରିକାଟିଏ ଝୁଲିବା ଦେଖାଯାଏ ।
ସେହି ପରିସର ଅଳସ ଏବଂ ନିସ୍ତବ୍ଧ ।

କାଳ :

ଜ୍ୟୋତ୍ସ୍ନା ରାତ୍ର ।

[ମଳିନ ବସନା, ମଳିନ ବଦନା **ବିଶାଳାକ୍ଷୀ** ବସିଛନ୍ତି ଉଦାସ ପ୍ରାଣରେ । ତାଙ୍କ ପ୍ରାଣର ଯେତେ ଆଶା, ଆକାଂକ୍ଷା ଏବଂ ଅଭିଳାଷ ସବୁ ଯେପରି ସମୁଦ୍ର ତରଙ୍ଗ ପରି ପୁନଃ ପୁନଃ ଉଚ୍ଛୁଳି ଉଠି ପୁଣି ନିମିଷକେ ଭାଙ୍ଗି ଯାଏ ସେହି ସମୁଦ୍ର ବକ୍ଷରେ ।

ତାଙ୍କ ଉତ୍ସଙ୍ଗରେ ବୀଣା । ବୀଣା ତାର ଉପରେ ହାତ ପଡ଼ି ରହିଛି; କିନ୍ତୁ ସେ ଅବଶ···ନିର୍ଜୀବ !

ଅଲକ୍ଷିତ ଭାବେ ବୀଣା-ତାରରେ ତାଙ୍କର ଅଙ୍ଗୁଳି ବାଜି ଗୋଟାଏ ସ୍ୱର ଝଂକୃତ ହୋଇ ଉଠିଛି; ତାଙ୍କର ସୂକ୍ଷ୍ମ ସ୍ମୃତି ଭିତରେ ନିଜ

Digitized by srujanika@gmail.com

ସ୍ୱାମୀଙ୍କ ବଦାପ୍ତ ରଜନୀର ସେହି ମର୍ମନ୍ତୁଦ ମୁହୂର୍ତ୍ତ ଜାଗି ଉଠିଛି । ସେ ଆତୁର ହୋଇ ପଡ଼ିଛନ୍ତି, ଆଖି ଛଳ ଛଳ ହୋଇଯାଇଛି । ଆଶା ଓ ନିରାଶାର ଆବେଗ ଓ ଦ୍ୱନ୍ଦ୍ୱଧଚା ଭିତରେ ବୀଣା ତାରରେ ତାନ ତୋଳି ଗୀତ ଛନ୍ଦରେ ଡାକଛନ୍ତି—

ବିଶାଳାକ୍ଷୀ :—

(ଗୀତ)

ରାଗ—ସିନ୍ଧୁଡ଼ା ॥ ତାଳ—ଏକ ॥

ଆଜ ପୂର୍ଣ୍ଣିମା ରାତି
ଆହେ, ପ୍ରୀତି-ସାଥି
ଆସ ମୋ ଜୀବନ ଭାତି
ରଜତ ଆଲୋକେ
ଜଗତ ଝଲକେ
ମୋ ଜୀବନ ଅଂଧାର ରାତି ॥ ୦ ॥

ଆଶାର ଆଲୋକ ତୁମେ ନୟନର ସ୍ୱପ୍ନ ତାରା
ତୁମ ବିନା ଏ' ସଂସାର ଅଂଧକାର କାରା
ତୁମରି ଲାଗି—
ହେବି
ବ୍ୟଥାର ଭାଗୀ
ତୁମେ ମୋର 'ପରାଣ—ସାଥି ॥ ୧ ॥

[ଆଖିରୁ ଧାର ଧାର ଲୁହ ଝରିଯାଏ
ବୀଣା ତାର ଉପରେ ହାତ ବନ୍ଦ ହୋଇଯାଏ ।]

Digitized by srujanika@gmail.com

(ସାକ) ନରବେ ନଶୀଥେ ନରଜନେ ବସି
ତୁମ ପାଇଁ ସଖା, ଝୁଲଇ ଢଦ୍ବା ନଶି
ଆଖିରୁ ଝରି ଲୋତକ
ଭିଜି ଯାଏ ମୋ ବୁକ
ତୁମରି ବିରହ
ଭାବ ଅନୁରାଗ
ଯାଉ ମୋ ଜୀବନ ବହି ॥ ୨ ॥

[କାନ୍ଦି କାନ୍ଦି ସେ ଅବଶ ହୋଇଯା'ନ୍ତି
ବୀଣା ଉପରେ ମଥା ଦେଇ
ବେହୋସ ହୋଇ ଘୁମେଇ ପଡ଼ନ୍ତି ।]

ଇ ତ୍ୟ ବ ସ ର ରେ
ମେଘ
ପ୍ରବେଶ କରନ୍ତି
ଇତଃ ସ୍ତତଃ ଦୃଷ୍ଟିନ ବେଳେ...ବିଶାଳାକ୍ଷୀଙ୍କୁ ଦେଖି-
ତାଙ୍କ ଉପରେ ଆଗ୍ରହ ନିବଦ୍ଧ ଦୃଷ୍ଟିରେ
ଦୃଷ୍ଟି ରହନ୍ତି ।

ନେପଥ୍ୟ :—

(ଶ୍ଳୋକ)

ତନ୍ୱୀ ଶ୍ୟାମା ଶିଖରିଦଶନା ପକ୍ୱବିମ୍ବାଧରୋଷ୍ଠୀ
ମଧ୍ୟେ କ୍ଷାମା ଚକିତ-ହରିଣୀ-ପ୍ରେକ୍ଷଣା ନିମ୍ନନାଭିଃ
ଶ୍ରୋଣୀଭାରାଦଲସଗମନା ସ୍ତୋକନମ୍ରା ସ୍ତନାଭ୍ୟାଂ
ଯା ତତ୍ର ସ୍ୟାଦ୍ ଯୁବତିବିଷୟେ ସୃଷ୍ଟିରାଦ୍ୟେବ ଧାତୁଃ ॥

Digitized by srujanika@gmail.com

ମେଘ— ଏହି ତନ୍ୱୀ ତରୁଣୀ ବିରହିଣୀ
ହେମମାଳୀ—ମନ—ମୋହିନୀ;
ରୂପବନ୍ତ ସତେ ରସାଳସା
ବିଧି ରଚନାର ଆଦ୍ୟ ନକସା !

ନେପଥ୍ୟ :—

(ଶ୍ଳୋକ)

ଉତ୍ସଙ୍ଗେ ବା ମଳିନବସନେ ସୌମ୍ୟ ନିକ୍ଷିପ୍ୟ ବୀଣାଂ
ମଦ୍‌ଗୋତ୍ରାଙ୍କଂ—ବିରଚିତପଦଂ ଗେୟମୁଦ୍‌ଗାତୁକାମା
ତନ୍ତ୍ରୀମାର୍ଦ୍ରାଂ ନୟନ ସଲିଳୈଃ ସାରୟିତ୍ୱା କଥଂଚିଦ୍
ଭୂୟୋ ଭୂୟଃ ସ୍ୱୟମପିକୃତାଂ ମୂର୍ଚ୍ଛନାଂ ବିସ୍ମରନ୍ତୀ ।

ମେଘ— (ବିଷାଦରେ)
ଝାଉଁଳି ପଡ଼ିଛି ଶଶି-ବଦନ
ମଉଳି ଯାଇଛି ବାସ ବସନ ।
ସୁନା ଦେହ ଚନ୍ଦନା, ଚକ୍‌କଣ ଝଳ
ବିରହ ଜ୍ୱାଳାରେ ଯାଉଛି ଜଳି ।
ନିତି କାନ୍ଦ ଯା'ର ପ୍ରାଣର ଗାନ
କାନ୍ଦି 'ଝୁରିବ ତା' ବୀଣାରେ ତାନ !

[ଧିରେ ଧିରେ ଚମକ ଚମକ ବିଜୁଳି ପ୍ରବେଶ କରନ୍ତି…

ମେଘ

ଚମକ ନ ଦେବା ପାଇଁ ଇଂଗିତ କରନ୍ତି-

ବିଜୁଳି

ଧୀର ନିଃଶବ୍ଦ ପଦକ୍ଷେପରେ ମେଘର ବାମପାର୍ଶ୍ୱରେ ଛିଡ଼ା ହୁଅନ୍ତି ।]

Digitized by srujanika@gmail.com

ମେଘ—[ବିଶାଳାକ୍ଷୀଙ୍କ ଘରେ ଦେଖାଇ]

ଏହି ଦେଖ ସହି, ବିରହ-ମଗନା
ପ୍ରିୟ ଧିଆନରେ ହତ-ଚେତନା !

(ବକୁଳ ସାଗ୍ରହରେ **ବିଶାଳାକ୍ଷୀ**ଙ୍କ ଘରେ ଗୃହିଁ···
ସମ ବେଦନା ଅନୁଭବ କରନ୍ତି)

ନେପଥ୍ୟ :—

(ଶ୍ଳୋକ)

ତସ୍ମିନ୍ କାଳେ ଜଳଦ ଯଦି ସା ଲବ୍ଧନିଦ୍ରା ସୁଖାସ୍ୟା—
ଦନ୍ୱାସ୍ୟୈନାଂ ସ୍ତନିତ ବିମୁଖୋ ଯାମମାତ୍ରଂ ସହସ୍ୱ ।
ମାଭୂଦସ୍ୟାଃ ପ୍ରଣୟିନି ମୟି ସ୍ୱପ୍ନଲବ୍ଧେ କଥଞ୍ଚିତ୍
ସଦ୍ୟଃ କଣ୍ଠଚ୍ୟୁତ ଭୁଜଲତାଗ୍ରନ୍ଥି ଗାଢ଼ୋପଗୂଢ଼ମ୍ ।

(ନେପଥ୍ୟରୁ ଶୁଭେ ଅତୀତର ଗୀତ)

(ହେମମାଳୀଙ୍କ କଣ୍ଠରୁ)

" କାଳେ ହେଲେ ଥିବ ଶୋଇ ଲୁହରେ ଯୁଗ ଭିଜାଇ
ସପନରେ ହେଲେ ମୋର ମିଳନ ଲଭିବା ପାଇଁ
ଝରକା ପାଶେ ରହି
ଚମକ ଝମକ ନାହିଁ !"

ନେପଥ୍ୟ :—

(ଶ୍ଳୋକ)

ତାମୁତ୍ଥାପ୍ୟ ସ୍ୱଜଲକଣିକା ଶୀତଳେନାନିଳେନ
ପ୍ରତ୍ୟାଶ୍ୱସ୍ତାଂ ସମମଭିନବୈର୍ଜାଲକୈର୍ମାଳତୀନାମ୍
ବିଦ୍ୟୁଦ୍‌ଗର୍ଭଃ ସ୍ତିମିତନୟନାଂ ତ୍ୱତ୍ସନାଥେ ଗବାକ୍ଷେ
ବକ୍ତୁଂ ଧୀରଃ ସ୍ତନିତବଚନୈର୍ମାନିନୀଂ ପ୍ରକ୍ରମେଥାଃ ।

Digitized by srujanika@gmail.com

[**ମେଘ** ନର୍ଦ୍ଦେଶ ଦଅନ୍ତି···
ଲୁଚି ରହି କ୍ଷଣେ ଅପେକ୍ଷା କରିବାପାଇଁ
ଏବଂ ତତ୍ପରେ
ବିଜୁଳି ଅନ୍ତରାଳରେ ଲୁଚି ରହନ୍ତି]
ପୁଣି ପ୍ରଚ୍ଛଦପଟରୁ ଗୀତ ଭାସି ଆସେ ।
(ଦେବମାନଙ୍କ କଣ୍ଠରୁ)
ଗୀତ :— "ଝରକା ପାଶେ ରହି
ଚମକ ଝମକ ନାହିଁ
ଶୀତ ପବନ ପଠାଇ ସତ୍ୱରେ ଦେବ ଉଠାଇ"
[**ମେଘ** ବାତାୟନ ପାର୍ଶ୍ୱରେ ଛିଡ଼ା ହୋଇ···ଦୁଇ ବାହୁ
ପ୍ରସାରି କରି···ଶୀତଳ ପବନ ପ୍ରେରଣ କରନ୍ତି]
[**ବିଶାଳାକ୍ଷୀ**ଙ୍କ ଘୁମ ଭାଙ୍ଗିଯାଏ···
ଶୀତଳ ପବନ ପରଶ ସେ ଅନୁଭବ କରନ୍ତି···
ଅଚେତନ ପ୍ରାଣରେ ଯେପରି ସାମାନ୍ୟ ଚେତନା ଆସେ···
ଆଖି ପୋଛି···ଅଳସ ଭାଙ୍ଗନ୍ତି···
ପରେ ସମ୍ମୁଖଦିଗେ ଚାହାନ୍ତି···
ଦେଖନ୍ତି
ମେଘ—
ବାତାୟନ ପାର୍ଶ୍ୱରେ ।]
(**ବିଶାଳାକ୍ଷୀ**ଙ୍କ ପ୍ରାଣରେ
ତରଳ ଆଶା ଉଛୁଳି ଉଠେ···
ସେ
ତର ତର ହୋଇ **ମେଘ** ନିକଟକୁ ଯାଇ ପ୍ରଣତିଭରେ
ନତଜାନୁ ହୋଇ ବସନ୍ତି ।)

Digitized by srujanika@gmail.com

ବିଶାଳାକ୍ଷୀ :—

(ଗୀତ)

ରାଗ—ଅମୃତବର୍ଷିଣୀ ତାଳ—ଆଦି ॥

ପ୍ରଣତ, ପ୍ରଣତ ହେ ରାଜ-ଅତିଥି
ଧାନ ଦୁଆରେ
କି ଦେଇ ପାରେ
ବରଷାସେ ମୋର ପ୍ରୀତି-ସାଥି ॥ ୨ ॥
ତୁମ ଦେହରେ ଶିହରେ ପୁଲକ ବତାସ
ମନ-ମିଶା କେତେ ଆଶା ଏଏ ତୁମ ଦରହାସ
କୁଶଳ କି ପ୍ରିୟବର
କହିଛନ୍ତି କି ଖବର
ସେହି ରାଇଜରୁ ପରା ଆସିଛୁ ହେ ମହାରଥି ॥ ୧ ॥
ହେ ନବ ଜଳଧର, ବଜୁଳି-ବର ସୁନ୍ଦର
ତୁମେ କର୍ପା ମଜନ, ଛୁଅ ମୋର ଥର ଥର
ଅଜାଡ଼ ଦିଅ ହେ ପାଣି
କଥା ଯେବେ କହିବନି
ଚମ୍ପି ଚମ୍ପି ପିଅ ଭାସି···ଯେଉଁଠି ମୋ ପ୍ରାଣ-ସାଥି ॥ ୨ ॥
ପ୍ରଣତ ପ୍ରଣତ ହେ !

[ବିଶାଳାକ୍ଷୀଙ୍କ ଆଖିରୁ
ଧାର ଧାର ଲୁହ ଝରିଯାଏ
ସେ
ନୃତ୍ୟ ଛନ୍ଦରେ-ପ୍ରଣତ ଭରେ
ଅଭିବାଦନ ଜଣାଅନ୍ତି]

Digitized by srujanika@gmail.com

ମେଘ— ହୁଅ ନ ଅଧୀର, ନବ ବଧୂ
ଦମ୍ଭ କେବଳ ବିପଦ—ବଂଧୁ !

ବିଶାଳାକ୍ଷୀ :— କନ୍ଦ ଚଂଚଳ, ନବଘନ
ଯେଧନ ଅବଳାର ଶରଣ ।
ସେହ୍ନ ସୁଦୂରରୁ ଆସିଛ ଯେବେ
ମନାଇ ମନାଇ କନ୍ଦ୍ର ତ ଥିବେ
ମନ-ଲକ୍ଷ୍ମୀ କେତେ ମନ—କଥା
ମଧୁର କୁଶଳ କେତେ ବାରତା !

ନେପଥ୍ୟ :—

(ଶ୍ଳୋକ)

ତାମାୟୁଷ୍ମନ୍ମମଚ ବଚନାଦାତ୍ମନ ଶ୍ଚୋପକର୍ତ୍ତୁମ୍
ବ୍ରୂୟାଦେବଂ ତବ ସହଚରୋ ରାମଗିର୍ଯ୍ୟାଶ୍ରମସ୍ଥଃ ।
ଅବ୍ୟାପନ୍ନଃ କୁଶଳମବଳେ ପୃଚ୍ଛତି ତ୍ୱାଂ ବିୟୁକ୍ତଃ
ପୂର୍ବାଭାଷ୍ୟଂ ସୁଲଭ ବିପଦାଂ ପ୍ରାଣିନାମେତ ଦେବ ॥

ମେଘ — ରାମଗିରି ବନେ ତୁମ ପ୍ରିୟବର
ଆକୁଳିତ ମନେ କେତେ କ ଥର
ପଚ୍ଛୁଛନ୍ତି ଗୋ, ମନୋରମା
"କୁଶଳ କି ମୋର ପ୍ରିୟତମା" !

[ବିଶାଳାକ୍ଷୀଙ୍କ ପ୍ରାଣରେ ଆଶାର ସ୍ମିତ ଆଲୋକ ରେଖା ସଂଚରିତ ହୁଏ ···ଚକ୍ଷୁ ଦ୍ୱୟ ଜୀବନ୍ତ ପୁଣି ଆଗ୍ରହାନ୍ୱିତ ଦେଖାଯାଏ]

Digitized by srujanika@gmail.com

ବିଶାଳାକ୍ଷୀ— ଝୁରି ଝୁରି ସେ ଯେ ଝୁରୁଥିବେ
ଚପଳ ଲହରେ ଗୁଞ୍ଜ ଦେଉଥାଇ
ବନ ଗଣ୍ଡ ସାଗ କାନ୍ଦୁଥିବେ ।

ନେପଥ୍ୟ :—

(ଶ୍ଳୋକ)

ଅଙ୍ଗେନାଙ୍ଗମ୍ ପ୍ରତନୁ ତନୁନା ଗ ଢତପ୍ତେନ ତପ୍ତମ୍
ସାସ୍ରେଣାଶ୍ରୁ ଦ୍ରୁତମବିରତୋତ୍କଣ୍ଠମୁତ୍କଣ୍ଠିତେନ
ଉଷ୍ଣୋଚ୍ଛ୍ୱାସଂ ସମଧିକତରୋଚ୍ଛ୍ୱାସିନା ଦୂରବର୍ତ୍ତୀ
ସଂକଳ୍ପୈସ୍ତୈର୍ବିଶତି ବିଧିନା ବୈରିଣା ରୁଦ୍ଧମାର୍ଗଃ ।

ମେଘ— ତୁମରି ଚରଏ ତୁମରି କାନ୍ତ
ହନ୍ତ ସନ୍ତ ଚର୍ଣ୍ଣି ଏକାନ୍ତ ।
ଯାଉଛି ଖସି ହେମ କଂକଣ
ଢଳଇ ଗାଲ ମଣି କଂଧନ ।

[ବିଶାଳାକ୍ଷୀଙ୍କ ମୁଖରେ......
ପୁଣି ଅଧାଦର ଗୁପ୍ତ ଚାଲି ଦିଏ ।]

ଯାଉଛି ଉଭେଇ କିଶୋର କାନ୍ତି
ଚେତା ଅଚେତାରେ ତୁମରି ଭ୍ରାନ୍ତି
କହନ୍ତୁ ଯେତିକ ଯାତ୍ରା ଭଷା
ତୁମରି ଗନ୍ଧ, ତୁମରି ଆଶା ।
ତୁମରି ସେନେହ ସୁଆଗ ସୁମରି
ଲୁହରି ଝରଣା କେତେ ଯାଏ ଝରି ।

Digitized by srujanika@gmail.com

ତୁମ ରୂପ—ଶିଶୁ ମଞ୍ଜୁଳର ଗୁଣ
ତୁମେ ଥାଉ ଥିବ ବୋଲି ବୋଇଲ;
ତୁମରି ପାଇଁ ସେ ବାଇ ବାଇ
କାନ୍ଦ କାନ୍ଦି ଗିରି ବନ କନ୍ଦାଇ ।

ବଣାଳାକ୍ଷୀ— ବର୍ଷାଅ ବୃଷ୍ଟି, ନବଘନ
ହା-ହୁତାଶ ମୋର ଜୀବନ ।
ଦେଲି ତରଙ୍ଗିଣୀ ତୁମର
ପୂଜିବ ତୁମର ପୟର;
ଆଜିର ଏ' ଶୂନ୍ୟ ଲଗନ
ପାଳିବ ଯେତେକ ଜନମ ।

ନେପଥ୍ୟ :—

(ଶ୍ଳୋକ)

ନନ୍ୱାତ୍ମାନଂ ବହୁ ବିଗଣୟନ୍ନାତ୍ମନୈବାବଲମ୍ବେ
ତତ୍ କଲ୍ୟାଣି ତ୍ୱମପି ନିତରାଂ ମାଗମଃ କାତରତ୍ୱମ୍ ।
କସ୍ୟାତ୍ୟନ୍ତଂ ସୁଖମୁପନତଂ ଦୁଃଖମେକାନ୍ତ ତୋ ବା
ନୀଚୈର୍ଗଚ୍ଛତ୍ୟୁପରି ଚ ଦଶା ଚକ୍ରନେମିକ୍ରମେଣ ॥

ମେଘ— ଜହ୍ନରାଣୀ ସଖୀ ହେମମାଳୀ
କହୁଦେବ ମୋର ପ୍ରିୟା ଆଳୀ
"ସୁଖ ଦୁଃଖ ତ ନଥାଏ ସମାନ
ଦଶା-ଚକ୍ରର ଯାହା ପରମାଣ;
କାତର ହୁଅନା ମୋର କଲ୍ୟାଣି,
ତୁମେ ମୋ ଜୀବନ ସଞ୍ଜୀବନୀ ।"

Digitized by srujanika@gmail.com

ବିଶାଳାକ୍ଷୀ— କିପରି ରହିବ ଏହି ପରାଣ.
ପ୍ରିୟବର ମୁଖ ନ ଦେଖି ହାଣ !

ନେପଥ୍ୟ :—

(ଶ୍ଳୋକ)

ଶାପାନ୍ତୋ ମେ ଭୁଜଗଶୟନା ଦୁତ୍ଥିତେ ଶାର୍ଙ୍ଗପାଣୌ
ମାସାନନ୍ୟାନ୍ ଗମୟ ଚତୁରୋ ଲୋଚନେ ମୀଲୟିତ୍ୱା
ପଶ୍ଚାଦାବାଂ ବିରହଗୁଣିତଂ ତଂ ତମାତ୍ମାଭିଲାଷଂ
ନିର୍ବେକ୍ଷ୍ୟାବଃ ପରିଣତଶରଚ୍ଚନ୍ଦ୍ରିକାସୁ କ୍ଷପାସୁ ॥

ମେଘ— ଶୁଣ ଗୋ ସୁଷମାନନ୍ଦ
ତୁମ ପ୍ରିୟତମ ଚେତାବନ ।
"ଏଥିତ ରହିଲା ଅଳପ ଦିନ
ଶାରଙ୍ଗ ପାଣି ତ ଉଠିବେ ଯେ ଦିନ—
ସେଦିନ ଛିଣ୍ଡାଇ ଶାପ-ଶିକଳା
ମିଶିବ ଶୁଭ୍ର ଶରତ-ନିଶିରେ—
ଅଳକାରେ ମୋର ଚନ୍ଦ୍ର-କଳା !
ଝୁରି ପଡ଼ୁଥିବ ବୃନ୍ଦନୀ
ସଜାଇ ଦେବ ସେ ପୁଷ୍ପ-ବେଣୀ ।
ମୋର ରମଣୀର ଯାହା ଅଭିଳାଷ
ପୂରାଇବ ଯେତେ ଅଛି ମନାସ ।"

Digitized by srujanika@gmail.com

{ ବିଶାଳାକ୍ଷୀଙ୍କ ପ୍ରାଣରେ ଆଉ ଦମ୍ଭ ରହେ ନ......
ଅଶ୍ରୁପୂର୍ଣ୍ଣ ନୟନରେ...ବିକଳ କଣ୍ଠରେ...
ସେ **ମେଘ** ପାଖେ
ନିବେଦନ କରନ୍ତି । }

ବିଶାଳାକ୍ଷୀ :—

(ଗୀତ)

ରାଗ—କେଦାର ଗୌଡ଼ା ॥ ତାଳ—ମିଶ୍ରଗତି ॥

ଯାଅ......ଯାଅ......ଯାଅ
ଜ ଳ ଦ
ଯା'ଅ
ଯାଅ......ଯାଅ......ଯାଅ
ଚଂଚଳେ ସେହି ଅଂଚଳେ
ପ୍ରିୟତମ ମୋର ଏକାନ୍ତରେ
ଅଛି ପିଆସେ ଭ୍ରମର ଆଶେ
ଗୃହ୍ନିଁ ବସିଥିବେ
ଯା'ଅ
ଯାଅ......ଯାଅ......ଯାଅ,
ଜଳଦ...ଯାଅ ॥ ୦ ॥

ନଅ ମାସ ହେଲା ନଅ ବରଷ
ପଡ଼ିନ ପଲକ ରାତି—ଦିବସ
ଅନ୍ତରେ ନହେ କେତେ ବିଚାର
କେତେ ବା ଧିକ୍କାର

Digitized by srujanika@gmail.com

ଯା'ଅ

ଯାଅ······ଯାଅ······ଯାଅ

ଜଳଦ······ଯାଅ ॥ ୧ ॥

କହିବ ନାହିଁ ହେ ସବୁ କଥା
କାନ୍ଦିବେ ମୋର ଦେବତା
ଭଲରେ ଥାଇ
ଫେରିବେ ସେହି
କହିବ ହେ ମନ ଭୁଲାଇ
ମୋର ଭଲ ବୋଲି
କହିବ ମନାଇ
ମୋର ଗୁଣ ଏଥି
ଯା'ଅ
ଯାଅ······ଯାଅ······ଯାଅ
ଜଳଦ ଯା'ଅ ··· ॥ ୨ ॥

ତୁମେ କି ନ ଜାଣ, ଶାମ-ବରନ
ତୁମରି ଆଜି ବିଜୁଳି ବିରହେ—
କରନ କି ଗରଜନ !

[**ମେଘ** ହର୍ଷୋତ୍ଫୁଲ୍ଲିତ ହୋଇ ଗର୍ଜ୍ଜନ କରିବା···
ବିଜୁଳି ଚମକି ଚମକି ପ୍ରବେଶ କରିବା···]

ବିରହ ଜୀବନ କେତେ ବିଷମ
ବିଜୁଳିର ସହ କରିଛ ତୁମର
ହେଉ ମଧୁ—ମିଳନ !

Digitized by srujanika@gmail.com

ଯାଅ···

✳ ଯାଅ ଯାଅ ଯାଅ ହେ ଜୀମୂତ
ଭୁଲାବନ କେବେ **ମେଘଦୂତ !**
(✳ ଦୁଇଥର ବୋଲାଯିବ)
ଯାଅ······ଯାଅ······ଯାଅ ! ॥ ୩ ॥
(ଉଚ୍ଚସ୍ୱରରେ)

[ବିଶାଳାକ୍ଷୀ ଦୁଇ ହାତ ପ୍ରସାରି କରି ନିବେଦନ କରନ୍ତି···
ମେଘ ଓ ବିଜୁଳି
ଅଭୟ ଦିଅନ୍ତି······]

ନେପଥ୍ୟ :—

(ଶ୍ଳୋକ ଭାସିଆସେ)

୫ ଏତତ୍‌କୃତ୍ୱା ପ୍ରିୟମନୁଚିତ ପ୍ରାର୍ଥନାବର୍ତ୍ତିନୋ ମେ
ସୌହାର୍ଦ୍ଦାଦ୍ୱା ବିଧୁର ଇତି ବା ମଯ୍ୟନୁକ୍ରୋଶବୁଦ୍ଧ୍ୟା
ଇଷ୍ଟାନ୍ ଦେଶାନ୍ ଜଳଦ ବିଚର ପ୍ରାବୃଷା ସମ୍ଭୃତଶ୍ରୀ
ମାଭୂଦେବଂ କ୍ଷଣମପି ଚ ତେ ବିଦ୍ୟୁତା ବିପ୍ରୟୋଗଃ ॥

ଧୀରେ ଧୀରେ ପରଦା
ପଡ଼ିଯାଏ ।

Digitized by srujanika@gmail.com

ପଞ୍ଚମ ଦୃଶ୍ୟ ॥

ଦୃଶ୍ୟ :

ଅ ଲ କା ପୁ ର ରେ

ଯକ୍ଷ **ହେମମାଳୀ**ଙ୍କ ଭବନ ସଂଲଗ୍ନ

ଉ ଦ୍ୟା ନ ବ ନ

ଉ ପ ବ ନ ଭି ତ ରେ

ମ ଣ୍ଡ ପ

ମଣ୍ଡପର ଚତୁର୍ପାର୍ଶ୍ୱ ସ୍ତମ୍ଭ ଶ୍ରେଣୀରେ ପୁଷ୍ପିତ ମାଧବୀ ଲତିକା ପରିଶୋଭିତ । ମଣ୍ଡପ ଦ୍ୱାରୁ ରଚିତ ତୋରଣରେ ସୁସଜ୍ଜିତ । ପ୍ରସ୍ଫୁଟିତ ଲବଙ୍ଗ ଲତାର ନିକୁଞ୍ଜ । ଦେଖାଯାଏ ଆଡ଼ମ୍ବର ପୂର୍ଣ୍ଣ—ଗୋଟାଏ ଉତ୍ସବର ଯୋଗାଡ଼ ।

ମଣ୍ଡପର ବେଦୀ ଉପରେ
ବହୁବର୍ଣ୍ଣ ଝରିଣ ଝୁଟି ଅଂକିତ ।
ବେଦୀର ଚାରି ପାଖରେ
ଗୁଡ଼ିଗୋଟି ରୁଖା ଏବଂ
ରୁଖା ଉପରେ ଦୀପାଳୀ ଜଳେ ।
ବେଦୀର ମଧ୍ୟ ଭାଗରେ
ଜଳପୂର୍ଣ୍ଣ କଳଶ । କଳଶ
ଉପରେ ନାରିକେଳ । ପାର୍ଶ୍ୱରେ
ଚଦ୍ରୂପ ଜ୍ୱଳନ୍ତ ଦୀପାଳୀ ।

Digitized by srujanika@gmail.com

ଗୋଟାଏ ଥାଳରେ କେତେକ ଚମ୍ପା ଫୁଲ ଓ ଫୁଲହାର;
ଅନ୍ୟ ଗୋଟାଏ ଥାଳରେ ଅକ୍ଷତ, ଦୂର୍ବା,
ବରକୋଳି ପତ୍ର ଏବଂ କୁଙ୍କୁମ ସଜ୍ଜିତ ହେଇଛି
ଅନ୍ୟ ଏକ ଥାଳରେ ଆଳତି କର୍ପୂର ।
ମଣ୍ଡପର ଗୋଟାଏ ପାଶ୍ୱର୍ରେ
ପିଞ୍ଜରା ଭିତରେ ଶାରିକାଟିଏ ଝୁଲୁଛି ।

କାଳ :

ଜ୍ୟୋ ସ୍ନା ମ ୟୀ

ର ଜ ନୀ ର

ପ୍ର ଥ ମ

ପ୍ର ହ ର

ବିଶାଳାକ୍ଷୀ ନିଜ ପ୍ରିୟତମର ଆଗମନ ଲଗନ ଅପେକ୍ଷାରେ
ଅତି କୁତୂହଳରେ
ସେହି ମଣ୍ଡପ ସଜାଇବାରେ ଲାଗି ପଡ଼ିଛନ୍ତି ।
ସେ ଗୋଟାଏ ଫୁଲହାର
ଶାରିକାର ପିଞ୍ଜରାଟିରେ ବାନ୍ଧି ଦିଅନ୍ତି ।

ଶା ରି କା ଟି

ମନେ ମନେ
ହଠାତ୍ ହସେ,
ବିଶାଳାକ୍ଷୀଙ୍କ ପ୍ରାଣରେ ଗୋଟାଏ ଆନନ୍ଦର ଢେଉ ଖେଳିଯାଏ ।

Digitized by srujanika@gmail.com

ଚଣାଲାକ୍ଷୀ :—

(ଗୀତ)

ରାଗ—ଖମାଚ ॥ **ତାଳ—ଅଦ୍ଧା ॥**

ଶାରଦା ଲୋ
ମନେ ମନେ କି କଥା
କୁ ଚର
ଚା ଙ୍କ ର
ମୁଆଗି ପ୍ରେମ—ଲତା ॥ ୦ ॥

(ପଛତ ମଞ୍ଚ ସଂଗୀତ ଏବଂ ଚଣାଲାକ୍ଷୀଙ୍କ ନୃତ୍ୟ)

ପ୍ରଣୟ ଗୀତ ମଧୁରେ
ଗାଉ ତ ବାରେ
ଆଉ କପାଁ ଅଭିମାନ
ଆଜ ଆସିବେ ସଖା ॥ ୧ ॥

[**ଚଣାଲାକ୍ଷୀ** ଲବଙ୍ଗ ଲତିକା ନିକୁଞ୍ଜ ନିକଟକୁ ଯାଇ]

(ଦରହସିତ ମୁହଁରେ)

ଗୀତ :— ଜାଣି ମୋର ମନ କଥା
ଫୁଟିଛୁ ଲବଙ୍ଗ ଲତା
ଆସିବେ ବୋଲି ପ୍ରିୟ, ହସି ହସି କହେ କଥା
ତାଳଦେବ ଅନୁସ୍ୱର
ବୋଳବ ଫୁଲ ପବର
ଜଣା ଅଜଣା କମ୍ପନ, କରଇ ଉଲ୍ଲୁ ଜତା । ୨ ॥

Digitized by srujanika@gmail.com

[ପ୍ରଚ୍ଛଦପଟ ସଂଗୀତ ଓ ବିଶାଳାକ୍ଷୀଙ୍କ ନୃତ୍ୟ]

ଅ ଦୂ ରେ

କୋ ଇ ଲି

କୁ' କୁ'

ଡାକେ ।

[ବିଶାଳାକ୍ଷୀଙ୍କ ପ୍ରାଣରେ ବିପୁଳ ଆନନ୍ଦ ଖେଳିଯାଏ

ସେ ହସେ

ସେ ଦୌଡ଼ି ଯାଇ]

ଗୀତ :— ସେଦିନ ବନ ଏକ ପ୍ରାନ୍ତ
ଗାଉ ଥିଲୁ କୋଇଲି
ମନ ଭଲ ନାହିଁ ବୋଲି, ମନା କରି ଦେଇଥିଲି
ଆଜି ଅକାଳେ ତୋ' ଗାନ
ଲଗେ କେତେ ସନମାନ
ଗାଅ କୁହୁ କୁହୁ ସୁରେ, ମିଳନ—ଗୀତ ॥ ୩ ॥

[ପ୍ରଚ୍ଛଦ ପଟ ସଂଗୀତ

ଓ

ବିଶାଳାକ୍ଷୀ

ଆବେଗ ଆନନ୍ଦରେ

ନୃତ୍ୟ କରନ୍ତି ।]

[ବିଶାଳାକ୍ଷୀ ଆକାଂକ୍ଷିତ ମନରେ]

(ଗେଲେଇ...ଗେଲେଇ)

ଗୀତ :— କେତେ ଦିନର ସାଇତା
କେତେ ଗୃପତ କଥା

Digitized by srujanika@gmail.com

ଶୁଣିବ ନ
କହ୍ନିବ
ଆସ ମୋର ସହଚା
ଭ୍ରମର ଲୁହ ଧାରେ
ଢାଳ ମୋ ଲୁହ ଧାର
ଝାଡ ଝାଡ ହସି ହସି, ଆଖି ଆଖିରେ କଥା ॥ ୪ ॥

—ଶାଳିକା ଲେ !—

[ଇତ୍ୟବସରରେ ସହଚରୀ ଗଣ
ପ୍ରବେଶ କରି ଶଶାଙ୍କାକ୍ଷୀ ଙ୍କ
ଉଦ୍ଗ୍ରାହ ଓ ଆବେଶ ଦେଖି—
ପରିହାସ କରିବା ଉଦ୍ଦେଶ୍ୟରେ
କଳ କଳ ହସି ପ୍ରବେଶ କରନ୍ତି ।]

ସହଚରୀଗଣ :— [ମଧୁମାଛି କୁ ଲକ୍ଷ୍ୟ କରି]

(ଗୀତ)

ରାଗ—କୀରବାଣୀ ॥ **ତାଳ—ଝୁଲ୍ଲ ॥**

ମ ଧୁ ମା ଛି ରେ,
ଜଣାଗଲଣି ତ ତୋର ଅକଲ ॥ ୦ ॥
ଫୁଲେ ଫୁଲେ ଯାଇ
ଗୁଣୁ ଗୁଣୁ ଗାଇ
ଟହଲ ମାରିବା ଉଚ୍ଛଳ ॥ ୧ ॥

ଫୁଲର ଅଧରେ
ଯେ ମହୁଆ ଝରେ
ପେଟେ ପିଇବା ପାଇଁ ତରବର ॥ ୨ ॥

Digitized by srujanika@gmail.com

ମୋର ମନ ତୋର ପାଖେ
ତୋର ମନ ତା'ର ପାଖେ
କହିଲେ ହେବ ମିନା ସଲ ॥ ୩ ॥
[ସମସ୍ତେ କଲ କଲ ହସି-ହାସ ପରିହାସ ହେବା]

ବିଶାଳାକ୍ଷୀ :— (ଗୀତ)

ରାଗ—ସାରଙ୍ଗ
ତାଳ—ମିଶ୍ରଗତ } ପା···ପା···ପା
ପରିହାସ ଭଲ ଲାଗେ ନାରେ···

ସହଚରୀଗଣ :—,, ଆସିବେ
ଆଜ ଆସିବେ
ଖେଳ କରିବେ
ମନ—କଣା—କଥା କହିବେରେ ।
[ସମସ୍ତେ କଲ କଲ ହସିବା ସମୟରେ]

[**ନେ ପ ଥ୍ୟ**
ଶଂଖ
ବାଜ ଉଠେ ।
ବିଶାଳାକ୍ଷୀ ସହଚରୀ ଗଣଙ୍କ ସହ ଚୂଲ ପାଆନ୍ତି ।]
ଆଲୋକ ଲିଭିଯାଏ
ପୁଣି
ରଂଗମଞ୍ଚରେ ଅନୁରାଗରଂଜିତ ପୀତ ଲୋହିତ ବର୍ଣ୍ଣର ଆଲୋକ
ଭସି ଆସେ ।
ଶଂଖ ଓ ହୁଳହୁଳି
ବାଜ ଉଠେ ।

Digitized by srujanika@gmail.com

ଶୁଭେ
ଲଳନା କଣ୍ଠରେ
ହୁଳ ହୁଳ ।
ସହଚରୀ ଗଣ ଫୁଲ ବର୍ଷି ବର୍ଷି ଆସନ୍ତ
ଯକ୍ଷ ହେମମାଳୀ
ବିଶାଳାକ୍ଷୀ
ଓ
ସହଚରୀ ଗଣ ପ୍ରବେଶ କରନ୍ତ ।
ସହଚରୀ ଥାଳ ବଢ଼ାଇ ଦଅନ୍ତ
ବିଶାଳାକ୍ଷୀ
ନିଜ ସ୍ୱାମୀ **ହେମମାଳୀଙ୍କୁ**
ଦଅନ୍ତ
ଅର୍ଘ୍ୟ
କପାଳରେ ସିନ୍ଦୂର ଟୀକା
ଗଳାରେ ଫୁଲହାର
ପୁଣି
ମଂଗଳ ଆଳତି ।।
ସମସ୍ତେ ଦୁର୍ବାକ୍ଷତରେ ବନ୍ଦାଅନ୍ତ
ଶଂଖ, ଡାହାଳୀ ଏବଂ ହୁଳହୁଳିର ତରଳ ଲହରେ
ହେମମାଳୀ
ବିଶାଳାକ୍ଷୀଙ୍କ ଦୁଇ ହାତ ଧରି
ବିଶାଳାକ୍ଷୀଙ୍କ ଆଖିରେ ଆଖି ମିଶାନ୍ତ,
ଦୁହିଁଙ୍କ ଆଖିରୁ ମିଳନ ଜନିତ ଆନନ୍ଦାଶ୍ରୁ ଝରିଯାଏ ।

Digitized by srujanika@gmail.com

କନ୍ତୁ
ସେହ୍ନ ଗୃହ ଆଖି
ଗୋଟାଏ ଗୃହାଣୀରେ କଷ୍ଟ ରହନ୍ତି,
ସହଚରୀ ଗଣ
ପୁଣି
ପୁଷ୍ପ ବର୍ଷଣ କରି
ଗାଇଯାନ୍ତି
ମିଳନ—ଗୀତିକା
ବୀ ଣା
ଝଂ କୃ ତ
ହୋଇ
ଉଠେ ।

[ସହଚରୀ ଗଣ ଗୀତ ଗାନ କରି ଚଳାସରେ ନୃତ୍ୟ କରନ୍ତି]

ସହଚରୀଗଣ:—

(ଗୀତ)

ରାଗ—ବେହାଗ ॥ **ତାଳ—ଆଡ଼ ॥**
(ମିଶ୍ର ଗମକ)

ବାଜରେ ବୀଣା ମଧୁରେ ମଧୁରେ
(ବୀଣାରେ ସ୍ୱରଳାପ ବାଜଉଠେ-)
[ସା'ରି' ନ ସା' ଧାନ ପା'ଧା ନ ଧା ପା ମା
ପା ଧା ନ ସା' ନ ଧା ପା ମା ଗା ମା ଗା]
ବାଜ ମୃଦଙ୍ଗ···ଆଡ଼ ତାଳେ
(ମୃଦଙ୍ଗ ବାଜ ଉଠେ)

Digitized by srujanika@gmail.com

[ତାକାଧିମି···ତାକା ଧେଇଁ···ତାକାଧିମି
ତାଉକଟା ଧେଇଁ···ତାଉକଟା ଧେଇଁ···
ତାଉକଟା ଧେଇଁ]

ଗାଅ ଲୋ ସଜନି, ଲୀଳା-ବିଳାସରେ
ବେହାଗ ସ୍ୱର (ଏ) ସୋହାଗ—ବସନ୍ତରେ । ୨ ॥

(ପ୍ରଚ୍ଛଦପଟ ସଂଗୀତ ଓ ନୃତ୍ୟ)

ନୀଳ ବିତାନରେ ଖେଳ ଚନ୍ଦ୍ରମା
ଜୁଆର ଜୁଆର ଢାଳ ଜ୍ୟୋଛନା
ପିଆସି ପବନ ହେଉ ବଣା ବଣା
ଆଜ ଏ' ମିଳନ—ଲଗନରେ ॥ ୧ ॥

[ପ୍ରଚ୍ଛଦପଟ ସଂଗୀତ ଓ ନୃତ୍ୟ]

ତୁଇଁ ଯାଅ ବାଆ ଥିର ଥିର
ପଲକେ ପୁଲକ ଶିହର ଶିହର
ଫୁଲ ବୁକେ ଅଳି, କର ଅଳି-ଦଳ
ଆଜ ଏ'···ମଧୁ—ଗନ୍ଧରେ ॥ ୨ ॥

ଦୁଲ ଦୁଲ ଦେଇ···କରତାଳି ଦେଇ
ଝଙ୍କେର ଘବେ
ନୃତ୍ୟ
କରନ୍ତି ।
ହେମମାଳୀ
ସମ୍ମୁଖ
ଦୃଷ୍ଟିରେ

Digitized by srujanika@gmail.com

ବିଶାଳାକ୍ଷୀ

ଧରେ

ଗୁର୍ଚ୍ଛି

ରହନ୍ତି

ଏବଂ

ବିଶାଳାକ୍ଷୀଙ୍କ ଆସକ୍ତ ଆଖି ଲାଖି ରହିଥାଏ

ହେମମାଳୀଙ୍କ ଅଙ୍ଗରେ ।

ସେମାନେ ଭୁଲିଯାଇଛନ୍ତି

ଦୁ ନି ଆ

ଭି ବି ଛ ନ୍ତି

ଦୁନିଆ ଭିତରେ

କେବଳ

ସେ

ଦୁହେଁ ।

ଏହି ଅବସରରେ

ସହଚରୀଗଣ

ନୃତ୍ୟ କରି କରି ଅଲକ୍ଷିତ ଭାବେ ଚାଲି ଯାନ୍ତି ।

ହେ ମ ମା ଳୀ

ନିଜ ଗଳାର ଫୁଲ ହାର ଗଳାରେ ରଖି

ଅର୍ଦ୍ଧେକ ହାର

ବିଶାଳାକ୍ଷୀଙ୍କ

ଗଳାରେ

ପିନ୍ଧାଇ ଦିଅନ୍ତି ।

Digitized by srujanika@gmail.com

ଗୋଟାଏ ସ୍ପନ୍ଦନରେ ଦୁଇଟି ପ୍ରାଣ
ଗୋଟାଏ ଆକାଂକ୍ଷାରେ ଦୁଇଟି ମନ
ଗୋଟାଏ ଦୃଷ୍ଟିରେ ଦୁଇ ଦୁଇ ଆଖି
ଗୋଟାଏ **ଫୁଲହାର** ଭିତରେ
ସ୍ୱାମୀ
ଓ
ସ୍ତ୍ରୀ ।

ଯବନିକା ପତନ ।



-ସମାପ୍ତ-

ଶ୍ୟାମାକାଳୀ ପ୍ରେସ୍, ବ୍ରହ୍ମପୁର (ଗଞ୍ଜାମ)

Digitized by srujanika@gmail.com